# କଡ଼ ଲେଉଟା

# 'ମା'



ଡ଼. ଶିଶିର କୁମାର ଦାସ

# କଡ଼ ଲେଉଟା

# 'କ'

## ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା - ମାର୍ଗଦର୍ଶିକା

ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା – ମାର୍ଗଦର୍ଶିକା

# Handbook on Specific Learning Disability

**Published by**
Indian Institute of Education & Care (IIEC)
K-7/161, Kalinga Nagar, Bhubaneswar-751003

**Financial Assistance by**
Australian High Commission, New Delhi
Australian Consulate General, Kolkata

**Design & Layout**: STUDIO EDIT

**Prepared by**
Dr. Shisir Kumar Das
Director, IIEC

Copyright@2022

*Prof. Asoka Kumar Das*
**Vice Chairman**
**Odisha State Higher Education Council (OSHEC)**

**Former Vice Chancellor, Utkal University**
**Formerly Distinguished Scientist and Head, Laser & Plasma Technology Division**
**Senior Professor, Homi Bhabha National Institute**
**Bhabha Atomic Research Centre**



**Dated: 05th November, 2022**

It gives me immense pleasure to learn that Indian Institute of Education and Care (IIEC), Bhubaneswar, a leading and avid practitioner of Inclusive Education is publishing a Hand Book on ***'Specific Learning Disability' (SLD)***. This invisible disability still poses a challenge in identifying and mainstreaming children leading to unfortunate dropout of students at an early age. IIEC has taken up the challenge in meticulously exploring the intricacies under the leadership of Dr. Shisir Kumar Das.

I appreciate the great endeavour in fulfilling the needs and aspirations of the teachers and parents with a whole gamut of information and strategies on SLD.

I wish IIEC grand success for the Hand Book.

**(Asoka Kumar Das)**

# ସେଇ ଅଜଣା ସ୍ୱପ୍ନ ଦେଖୁଥିବା ବିଦ୍ୟାର୍ଥୀ ମାନଙ୍କ ପାଇଁ ପଦେ...

ଏକ ଅନ୍ତର୍ନିବେଶୀ ଓ ବିକଶିତ ସମାଜ ଗଠନ ର ସ୍ୱପ୍ନ ସାକାର କରିବାପାଇଁ ଅନ୍ତର୍ନିବେଶୀ ଶିକ୍ଷାର ଭୂମିକା ବହୁତ୍ ମହତ୍ତ୍ୱପୂର୍ଣ୍ଣ । ଭାରତ ସରକାର ଙ୍କ ଦ୍ୱାରା ୮୬ତମ ସମ୍ବିଧାନ ସଂଶୋଧନ ଅଧିନିୟମରେ ପ୍ରଣୀତ ସର୍ବଶିକ୍ଷା ଅଭିଯାନର ଉଦ୍ଦେଶ୍ୟ ଥିଲା ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା । ପ୍ରାଥମିକ ଶିକ୍ଷା ସ୍ତରରେ ସମସ୍ତ ଶିଶୁ ୨୦୧୦ ସୁଦ୍ଧା ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଗ୍ରହଣ କରିବାର ଲକ୍ଷ୍ୟ ଥିଲା । ଯଦି ସମାନ ସୁବିଧା ଓ ସୁଯୋଗ କଥାର ସଂକଳ୍ପ ଆସେ ତେବେ ସମାଜର ପଛୁଆବର୍ଗ ଓ ଭିନ୍ନକ୍ଷମ ଶିଶୁମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଏକ ଗୁରୁତର ବ୍ୟାପାର ଭାବେ ପ୍ରମାଣିତ ହେଉଛି । ବିଶେଷ କରି ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଅନେକ ଶିକ୍ଷା କାର୍ଯ୍ୟକ୍ରମ ଯେପରି Integrated Education(**ସମନ୍ୱିତ ଶିକ୍ଷା**) ଏବଂ IEDSS (**ଅନ୍ତର୍ନିବେଶୀ ଶିକ୍ଷା**) ଭଳି ଯୋଜନାରେ ଭିନ୍ନକ୍ଷମ ଶିଶୁ ମାନଙ୍କୁ ଶିକ୍ଷା ଓ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବାପାଇଁ ସୁଚିନ୍ତିତ ଯୋଜନା ପ୍ରଣୟନ କରାଯାଇଥିଲା । ଏବଂ ଏସବୁ ଯୋଜନା କାଳକ୍ରମେ **'ସମଗ୍ର ଶିକ୍ଷା'**ର ପରିଧିରେ ଅନ୍ତର୍ଭୂକ୍ତ ହୋଇଯାଇଛି । କେନ୍ଦ୍ର ଏବଂ ଓଡିଶା ସରକାରଙ୍କର ବଳିଷ୍ଠ ନେତୃତ୍ୱରେ ଏହି ଅନ୍ତର୍ନିବେଶୀ ଶିକ୍ଷା କାର୍ଯ୍ୟକ୍ରମ ଆଗେଇ ଚାଲିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଇ.ଆଇ.ଇ.ସି ଅନୁଷ୍ଠାନ ସମନ୍ୱିତ ଶିକ୍ଷା ଏବଂ ଅନ୍ତର୍ନିବେଶୀ ଶିକ୍ଷା କ୍ଷେତ୍ରରେ ଦୀର୍ଘ ୨୨ ବର୍ଷ ଧରି ନିରନ୍ତର ସଫଳତାର ସହକାର୍ଯ୍ୟ କରିଆସୁଛି । କିନ୍ତୁ ଏହି କ୍ଷେତ୍ରରେ ଅନୁସଂଧାନ ଓ ଗବେଷଣା କରୁଥିବା ଅନେକ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ଭଳି ଆମର ଅନୁଭୂତିରେ ଏଭଳି ଅନେକ ବିଦ୍ୟାର୍ଥୀ ପାଠ ଛାଡିଦେଇଥିଲେ ଯାହାର କାରଣ ପ୍ରାଥମିକ ପର୍ଯ୍ୟାୟରେ ଆମ ପାଇଁ ଦୁର୍ବୋଧ୍ୟ ଥିଲା । ଯଦିଓ ବିଗତ ଏକଶହ ବର୍ଷ ଧରି ଅନେକ ମନୋବିଜ୍ଞାନୀ ଓ ଶିକ୍ଷାବିତ୍ **'ଶବ୍ଦ ଅନ୍ଧତ୍ୱ'** ଠାରୁ ଆରମ୍ଭ କରି **'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା'** ପର୍ଯ୍ୟନ୍ତ ଗବେଷଣା ଜାରି ରଖିଛନ୍ତି । ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାରେ ବିଶ୍ୱସ୍ତରୀୟ ଆକଳନରୁ ଜଣାପଡେ ଯେ ପ୍ରତ୍ୟେକ ପାଞ୍ଚଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଶିକ୍ଷଣ ଅକ୍ଷମତା ଦ୍ୱାରା ପ୍ରଭାବିତ । କିନ୍ତୁ କୋଡ଼ିଏ ଜଣରେ ଜଣେ ମାତ୍ର ଚିହ୍ନଟ ହୋଇଥାଏ ଏବଂ ଏମାନଙ୍କ ମଧ୍ୟରୁ ଅଷ୍ଟମ ଶ୍ରେଣୀ ପଢ଼ିଲାବେଳକୁ ଶତକଡ଼ା ପ୍ରାୟ ୩୫ ଭାଗ ବିଦ୍ୟାର୍ଥୀ 'ଡ୍ରପ୍ ଆଉଟ୍' ହୋଇଯିବାର ଅଶଙ୍କା ବଢ଼ିଯାଇଥାଏ ।

ଖୁସିର କଥା ଯେ ଭାରତୀୟ ଏବଂ ସାମାଜିକ ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି 'ନ୍ୟାସ୍‌ନାଲ ବ୍ରେନ୍ ରିସର୍ଚ୍ଚ ସେଣ୍ଟର' ଦ୍ୱାରା ଉଦ୍ଭାବିତ DALI (Dyslexia Assessment for Languages of India ) ପଦ୍ଧତିରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ଶିଶୁ/ବିଦ୍ୟାର୍ଥୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ବହୁତ୍ ସହଜ ଏବଂ ଗ୍ରହଣୀୟ ହୋଇଛି ।

ଆଇ.ଆଇ.ଇ.ସି ଅନୁଷ୍ଠାନ ଇତିମଧ୍ୟରେ ୨୬ ବର୍ଷର ଅନୁଭୂତି ସାଉଁଟିଛି । ଆମେ ଆନନ୍ଦିତ ଯେ ଯେଉଁ ଅକ୍ଷମତା ଅଣଦେଖା ହୋଇଥିବାରୁ ଏକ ଶୂନ୍ୟ ସ୍ଥାନ ଓଡ଼ିଶାରେ ସୃଷ୍ଟି ହୋଇଥିଲା, ତାକୁ ପ୍ରତିହତ କରିବାପାଇଁ ଏହି ମାର୍ଗଦର୍ଶୀକା କିଛି ଆଲୋକ ଦେଖାଇପାରିବ । ଏହି ପୁସ୍ତିକାଟି **'Australian High Commission, New Delhi'** ଏବଂ **'Australian Consulate General, Kolkata** ଦ୍ୱାରା ସମର୍ଥିତ ପ୍ରକଳ୍ପ **'Combating Learning Disability for Holistic Inclusive Education'**ର ଏକ ଅଂଶ ବିଶେଷ । ଏହି ପ୍ରୟାସ କୁ ସଫଳ କରିବାପାଇଁ ଓଡିଶା ସରକାରଙ୍କ ଅଧୀନ 'ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ' (ଓ ସେ ପା) ଏବଂ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସାହାଯ୍ୟ ଓ ସହଯୋଗ ପାଇଁ ଆମେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । **Maharashtra Dyslexia Association, Mumbai** ର ସହଯୋଗ ବି ଆମକୁ ବହୁତ ପ୍ରେରଣା ଯୋଗାଇଛି । ଏହି ପ୍ରକଳ୍ପ ର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ଶିକ୍ଷକ /ସ୍ୱତନ୍ତ୍ର ସମ୍ବଳ ଶିକ୍ଷକ/ଜିଲ୍ଲା ସଂଯୋଜକ ମାନଙ୍କର ବିଭିନ୍ନ ପର୍ଯ୍ୟାୟରେ କର୍ମଶାଳା ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହୋଇଛି । ଭୁବନେଶ୍ୱର ବି.ଏମ୍.ସି ଅଧୀନରେ ୩୦ ଟି ବିଦ୍ୟାଳୟର ୩୦୦ ବିଦ୍ୟାର୍ଥୀଙ୍କୁ ନେଇ ବିଶେଷ ଗବେଷଣା କରାଯାଇଛି । ଯଦିଓ ଆମେ କୌଣସି ଶିଶୁ/ବିଦ୍ୟାର୍ଥୀଙ୍କୁ ଏହିଭଳି ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ବୋଲି ନାମିତ କରୁନୁ, ତଥାପି ସମ୍ଭାବ୍ୟ କାରଣର ପ୍ରତିକାର କରି ସେମାନଙ୍କୁ ଶିକ୍ଷା ଓ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରାଇପାରିଲେ ନିଜକୁ ଧନ୍ୟ ମଣିବୁ ।

ଏହା ବ୍ୟତୀତ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' ର ବିଭିନ୍ନ ଦିଗ ଉପରେ ୧୫ଟି ରେଡ଼ିଓ କାର୍ଯ୍ୟକ୍ରମ ପ୍ରସାରଣ ଜରିଆରେ ରେଡ଼ିଓ ସୁରଭି ସାଧାରଣ ଜନତା, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ସଚେତନ କରିବାପାଇଁ ଚେଷ୍ଟା ଜାରିରହିଛି । ସମୟ ଆସିଛି ଆମେ ସମସ୍ତେ ଏହି ଅକ୍ଷମତା ବିଷୟରେ ସଚେତନ ହେବା ଏବଂ ଅନ୍ୟକୁ ସଚେତନ କରିବା । ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସଂପର୍କରେ ଭୁଲ୍ ମାନସିକତାକୁ ଦୂର କରିବା ଏବଂ ଏଭଳି ବିଦ୍ୟାର୍ଥୀଙ୍କର ଲୁକ୍କାୟିତ ଶକ୍ତି କୁ ଉନ୍ମୋଚନ କରି ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବା ।

ବହିଟିର ନାଁ କଡ଼ଲେଉଟା 'କ' ଏକ ସାଙ୍କେତିକ ନାମକରଣ । ସେହି ଅଜଣା ସ୍ୱପ୍ନରେ ମସଗୁଲ୍ ହେଉଥିବା ଶିଶୁ/ବିଦ୍ୟାର୍ଥୀ ମାନଙ୍କୁ ଏହି ପୁସ୍ତିକା ସମର୍ପିତ କରୁଛୁ । ଆଜି ଆମେ ସ୍ୱର୍ଗୀୟ ଆନନ୍ଦରେ ଅଭିଭୂତ ଯେ ଏହି ପୁସ୍ତିକାଟି ଭାରତ ବର୍ଷର ପ୍ରଖ୍ୟାତ ଶିକ୍ଷାବିତ୍, ପ୍ରବିଣ ଭାଷାବିତ୍ ଓ ଅନନ୍ୟ ସାହିତ୍ୟିକ ପଦ୍ମଶ୍ରୀ ପ୍ରଫେସର (ଡ଼) ଶ୍ରୀଯୁକ୍ତ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ କରକମଳରେ ଲୋକାର୍ପିତ ହୋଇଛି । ଅଶେଷ ଧନ୍ୟବାଦ ।

**ଡ଼. ଶିଶିର କୁମାର ଦାସ**
ନିର୍ଦ୍ଦେଶକ
ଆଇ.ଆଇ.ଇ.ସି

"ମୁଁ ଜଣେ ପ୍ରତିଭାସଂପନ୍ନ ବ୍ୟକ୍ତି ନୁହେଁ । ଯେତେବେଳେ ମୁଁ କୌଣସି ଶବ୍ଦ ସବୁ ପଢ଼େ, ସେମାନେ କଡ଼ ଲେଉଟାନ୍ତି ବା ହଲ୍‌ଚଲ୍ ହେବା ଆରମ୍ଭ କରନ୍ତି । ଶବ୍ଦସବୁ କାଗଜ ସାରା ଘିରିଘିରି ହୋଇ ବୁଲୁଥା'ନ୍ତି । ଯେତେବେଳେ ସେଇ ସବୁ ଶବ୍ଦ ଗୁଡ଼ିକ ନିଜ ନିଜ ଜାଗାକୁ ଫେରି ଆସି ସ୍ଥିର ହୋଇଯା'ନ୍ତି, ସେତେବେଳକୁ ବହୁତ୍ ଡେରି ହୋଇଯାଇଥାଏ । ସେତେବେଳକୁ ଶ୍ରେଣୀରେ ପାଠପଢା ବହୁତ ଆଗକୁ ଯାଇସାରିଥାଏ" ।

---

ଜଣେ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ବିଦ୍ୟାର୍ଥୀ

# ସୂଚୀପତ୍ର


| ଅଧ୍ୟାୟ | ପୃଷ୍ଠା |
|---|---|
| ଉପକ୍ରମଣିକା | ୨-୪ |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ଲକ୍ଷଣ | ୫-୬ |
| ଡିସ୍‌ଲେକ୍ସିଆ ବା ପଠନ ଅକ୍ଷମତା | ୭-୯ |
| ଡିସ୍‌କାଲ୍‌କୁଲିଆ ବା ଗାଣିତିକ ଅକ୍ଷମତା | ୧୦-୧୧ |
| ଶ୍ରବଣ ପ୍ରକ୍ରିୟାକରଣ ବିଶୃଙ୍ଖଳା (Auditory Processing Disorder) | ୧୨-୧୩ |
| ଭାଷା ପ୍ରକ୍ରିୟାକରଣ ବିଶୃଙ୍ଖଳା (Language Processing Disorder) | ୧୪-୧୬ |
| ଦୃଷ୍ଟିଶକ୍ତି ଚଳନତା ଓ ବୋଧଗମ୍ୟତା ସମସ୍ୟା | ୧୭-୧୯ |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସହ ଆନୁସଂଗିକ ବ୍ୟାଧି | ୨୦-୨୧ |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ଆହ୍ୱାନକୁ ପ୍ରତିହତ କରିବା ପାଇଁ ଉପାୟ | ୨୨-୨୪ |
| ମାନସିକ ସ୍ୱାସ୍ଥ୍ୟର ଯତ୍ନ | ୨୫-୨୬ |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସମ୍ପର୍କରେ କିଛି ପ୍ରଶ୍ନ ଓ ଉତ୍ତର | ୨୭-୨୮ |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ବିଷୟରେ ଧାରଣା ଓ ବାସ୍ତବତା | ୨୯-୩୦ |
| ପ୍ରାଥମିକ ବିଦ୍ୟାର୍ଥୀଙ୍କ ଶିକ୍ଷଣ ଅକ୍ଷମତା ସୂଚକ | ୩୧-୩୨ |
| ମାଧ୍ୟମିକ ବିଦ୍ୟାର୍ଥୀଙ୍କ ଶିକ୍ଷଣ ଅକ୍ଷମତା ସୂଚକ | ୩୩-୩୫ |
| ସାମାଜିକତା ଓ ଶୈକ୍ଷିକ ସଫଳତାର ପରିପ୍ରକାଶ | ୩୬ |
| ପାସ୍ ନା ଫେଲ୍ ?? | ୩୭-୩୮ |
| ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନଙ୍କର ସଠିକ୍ ପରିଚାଳନାରେ ମାତାପିତା/ଅଭିଭାବକ ମାନଙ୍କ ଭୂମିକା | ୩୯-୪୦ |
| ଡିସ୍‌ଲେକ୍ସିଆ ସ୍କ୍ରିନିଂ ଟୁଲ୍ - ୧ | ୪୧-୪୪ |
| ଡିସ୍‌ଲେକ୍ସିଆ ସ୍କ୍ରିନିଂ ଟୁଲ୍ - ୨ | ୪୫-୪୮ |

# ପ୍ରଥମ ଅଧ୍ୟାୟ

# ଉପକ୍ରମଣିକା

'Indian Institute of Education & Care' (ଆଇ.ଆଇ.ଇ.ସି) ତରଫରୁ ଆପଣମାନଙ୍କୁ ସ୍ୱାଗତ । ବିଗତ ଦୁଇବର୍ଷ ମଧ୍ୟରେ କରୋନାର କରାଳ ପ୍ରକୋପରେ ଜୀବନ ଓ ଜିବୀକା ବିପର୍ଯ୍ୟସ୍ତ ହେଲାବେଳେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଥିଲା ଶିକ୍ଷା ବ୍ୟବସ୍ଥା । ତନ୍ମଧ୍ୟରୁ ବିଦ୍ୟାୟଳୟର କୋମଳ ଛାତ୍ର ଛାତ୍ରୀ ମାନେ ଶିକ୍ଷାୟତନ ବନ୍ଦ ହୋଇଯିବାରୁ ପ୍ରତ୍ୟକ୍ଷ ଶିକ୍ଷାଦାନରୁ ବଞ୍ଚିତ ହୋଇଥଲେ । ଏଭଳି ଏକ ଅହେତୁକ ଆହ୍ୱାନକୁ ପ୍ରତିହତ କରିବାପାଇଁ **'ରେଡିଓ ସୁରଭି'** ଏକ ଗୋଷ୍ଠୀ ବେତାର କେନ୍ଦ୍ରର ସୀମିତ ସାମର୍ଥ୍ୟର ସରହଦକୁ ଅତିକ୍ରମ କରି ଓଡିଶାର ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ପ୍ରାୟ ଦୁଇଲକ୍ଷ ଛାତ୍ର ଛାତ୍ରୀ ମାନଙ୍କ ପାଖରେ ପହଞ୍ଚି ପାରିଥିଲା । ଶିକ୍ଷା ସୁରଭିର ଦୁଇଟି ପର୍ଯାୟରେ ଶିକ୍ଷା ଏବଂ 'ଜୀବନ କୌଶଳ ଶିକ୍ଷା'ର ଗୁଣାତ୍ମକ ଓ ଉତ୍କର୍ଷ ଶିକ୍ଷା କ୍ଷେତ୍ରରେ ନୂଆ ଦିଗନ୍ତର ସମ୍ଭାବନା ସୃଷ୍ଟି କରିଥିଲା ଓ ଇତିହାସର ନୂଆ ଅଧ୍ୟାୟ ଆରମ୍ଭ କରିଥିଲା ।

ପୁଣିଥରେ 'ଆଇ.ଆଇ.ଇ.ସି' ଅନୁଷ୍ଠାନ ତରଫରୁ ଆଉ ଏକ ଅନାଲୋଚିତ ଏବଂ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଅନ୍ତର୍ନିବେଶୀ ଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା କିମ୍ବା "Specific Learning Disability" ର ଅନେକ ଅବହେଳିତ ଦିଗକୁ ଉନ୍ମୋଚିତ କରିବା ପାଇଁ 'ଆଇ.ଆଇ.ଇ.ସି' ଏବଂ 'ରେଡିଓ ସୁରଭି' ଅଣ୍ଟା ଭିଡିଛନ୍ତି । ଏହି କାର୍ଯ୍ୟକ୍ରମକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ନୂଆଦିଲ୍ଲୀ ସ୍ଥିତ 'ଅଷ୍ଟ୍ରେଲିଆ ହାଇ କମିଶନ୍' । ଏବଂ ଏହି ପ୍ରକ୍ରିୟାକୁ ସଫଳ କରିବା ପାଇଁ ସହଯୋଗିତାର ହାତ ବଢାଇଛନ୍ତି 'ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ'(ଓ.ସେ.ପା) ଏବଂ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ।

ଶିକ୍ଷଣ ଅକ୍ଷମତାକୁ ଏକ ଅଦୃଶ୍ୟ ଅକ୍ଷମତା ବା ଲୁକ୍କାୟିତ ଅକ୍ଷମତା ବୋଲି ଅଭିହିତ କରାଯାଏ କାରଣ ଏହାର ଲକ୍ଷଣ ବାହାରୁ ଜାଣିହୁଏ ନାହିଁ । ତେଣୁ ଶିକ୍ଷଣ ଅପାରଗ ଛାତ୍ର ଛାତ୍ରୀ ମାନେ ପ୍ରାୟତଃ ଭୁଲ୍ ବୁଝାମଣାର ଶୀକାର ହୋଇଥାନ୍ତି ଓ ସେମାନଙ୍କୁ ଅନ୍ୟମନସ୍କ, ଅଳସୁଆ ଏବଂ ଅବୁଝା ଭାବେ ଦୋଷ ଦିଆଯାଇଥାଏ ଯାହାକି ସେମାନଙ୍କର ସ୍ୱାଭିମାନରେ ଆଞ୍ଚ ଆଣିଥାଏ ଏବଂ ଆଗକୁ ବଢ଼ିବା ପାଇଁ ନିରୁତ୍ସାହିତ କରିଥାଏ ।

ଏହି ଶିକ୍ଷଣ ଅକ୍ଷମତାକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରିବାର ଆବଶ୍ୟକତା ବହୁତ୍ ବେଶୀ । ଏହା

ଏକ ବିଡମ୍ବନା ଯେ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଖରେ ଏଭଳି ଅକ୍ଷମତାକୁ ଚିହ୍ନିବା ପାଇଁ ଯଥେଷ୍ଟ ସଚେତନତା ଏବଂ ସୂଚନାର ଅଭାବ ପରିଲକ୍ଷିତ ହୋଇଥାଏ । ତେଣୁ ଦୃଷ୍ଟି ଆଢୁଆଳରେ ଏଭଳି ବିଦ୍ୟାର୍ଥିମାନେ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଅଭାବରୁ ପାଠ ଛାଡ଼ିଦିଅନ୍ତି ଏବଂ ଅବାଟକୁ ଚାଲିଯାନ୍ତି ।

ଯଦିଓ ପୃଥିବୀ ବ୍ୟାପି ବିଗତ ଏକ ଶହ ବର୍ଷ ଧରି ଶିକ୍ଷଣ ଅକ୍ଷମତା ଅନେକ ଗବେଷକ ମାନଙ୍କ ପାଇଁ ଗବେଷଣାର ଖୋରାକ ଯୋଗାଇ ଆସୁଛି, ତଥାପି ସେମିତି କିଛି ସନ୍ତୋଷଜନକ ପର୍ଯ୍ୟାୟରେ ୧୯୬୦ ମସିହା ପର୍ଯ୍ୟନ୍ତ ପହଂଚି ପାରିନଥିଲେ । ମସ୍ତିଷ୍କ ଗବେଷଣାରୁ ଉନ୍ମୋଚିତ ହୋଇଥିବା କିଛି ତଥ୍ୟ ଶିକ୍ଷଣ ଅକ୍ଷମତାକୁ ଚିହ୍ନିବାରେ ସହାୟକ ହୋଇଥିଲା । ପ୍ରଥମେ ଆଲଫ୍ରେଡ୍ ଷ୍ଟ୍ରସ୍ ଏବଂ ଲିଗ ଲେହଟିନେନ୍‌ଙ୍କ ଭଳି ପ୍ରସିଦ୍ଧ ମନୋବୈଜ୍ଞାନିକ 'ମସ୍ତିଷ୍କ ଆଘାତ ଶିଶୁ' ଭଳି ଶବ୍ଦ ବ୍ୟବହାର ଆରମ୍ଭ କରିଥଲେ ।

ଯଦିଓ ଅନେକ ଗବେଷଣା ଇତିମଧ୍ୟରେ ହୋଇସାରିଛି ତଥାପି ଏହି ଦୁଇ ବୈଜ୍ଞାନିକଙ୍କର ଅମୂଲ୍ୟ ଆବିଷ୍କାର ଯୁଗାନ୍ତକାରୀ ବୋଲି କହିବାକୁ ପଡ଼ିବ । ଜଣେ ଜର୍ମାନ ସ୍ନାୟୁବିତ୍ ପ୍ରଥମେ ୧୮୭୭ ମସିହାରେ ଶିକ୍ଷଣ ଅକ୍ଷମତାକୁ ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ କରିପାରିଥିଲେ ଯାହାକୁ ସେ 'Word –blindness' ବା 'ଶବ୍ଦ ଅନ୍ଧତ୍ୱ' ଭାବେ ଅଭିହିତ କରିଥିଲେ । ଜଣେ ଶିଶୁର ଦୃଷ୍ଟିଶକ୍ତି, ଧିଶକ୍ତି, ଏବଂ ବାକ୍‌ଶକ୍ତି ସାଧାରଣ ଥିବା ସତ୍ତ୍ୱେ । ସେ ବହି ପଢ଼ିବା ପାଇଁ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଭାବେ ପ୍ରମାଣିତ ହୋଇଥିଲା ।

ଏଭଳି ଅନ୍ଧତ୍ୱ ଶବ୍ଦ ବ୍ୟବହାର କରିବାର ପ୍ରାୟ ୧୦ ବର୍ଷ ପରେ ୧୮୮୭ ମସିହାରେ ମନୋବିଜ୍ଞାନ ଶାସ୍ତ୍ରରେ ପ୍ରଥମେ 'ଡିସ୍‌ଲେକ୍ସିଆ' ଶବ୍ଦର ସଂଜ୍ଞା ନିରୂପଣ କରାଯାଇଥିଲା । ପ୍ରଥମେ ୧୮୯୬ ମସିହାରେ "ପ୍ରୀଙ୍ଗଲ ମୋର୍ଗାନ୍" ଙ୍କ ଦ୍ୱାରା ରଚିତ "A Case of Congenital Word Blindness" ପ୍ରବଂଧ ଶିକ୍ଷଣ ଅକ୍ଷମତାକୁ ଚିହ୍ନିବା ପାଇଁ ଆଧାର ଓ କୌଶଳ ଉଚ୍ଚତର ଗବେଷଣାର ଦ୍ୱାରା ଖୋଲିଥିଲା । ସାମୁଏଲଏ କିର୍କ୍ ହେଉଛନ୍ତି ପ୍ରଥମ ମନସ୍ତତ୍ୱବିତ୍ ଯିଏ ୧୯୬୩ ମସିହାରେ ଚିକାଗୋରେ ଅନୁଷ୍ଠିତ ଏକ ଶିକ୍ଷା ଆଲୋଚନା ଚକ୍ରରେ ଶିକ୍ଷଣ ଅକ୍ଷମତା ବା "Learning Disability" ଶବ୍ଦର ବ୍ୟବହାର କରିଥିଲେ । ୨୦୦୦ ମସିହାରୁ ଏହି କ୍ଷେତ୍ରରେ ନିରନ୍ତର ଗବେଷଣା ଜାରି ରହିଛି । ୨୦୧୩ ମସିହାରେ "Specific Learning Disorder" କିମ୍ୱା ନିର୍ଦ୍ଦିଷ୍ଟ ଶିକ୍ଷଣ ଅପାରଗତାର ବହୁମୁଖୀ ବ୍ୟାଖ୍ୟା କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ କୌଣସି ଶିକ୍ଷଣ ଅପାରଗତା ବା ଅକ୍ଷମ ବିଦ୍ୟାର୍ଥୀକୁ ଆମେ ବିଦ୍ୟାଳୟ ପରୀକ୍ଷା ଫଳାଫଳକୁ ମାନଦଣ୍ଡ କରି ତାର ବୁଦ୍ଧିମତା ଉପରେ ପ୍ରଶ୍ନ ଉଠାଇବା ଠିକ୍ ହେବ ନାହିଁ । ଏଭଳି ବିଦ୍ୟାର୍ଥୀମାନଙ୍କର କହିବା, ଶୁଣିବା, ପଢ଼ିବା, ବୁଝିବା, ବନାନ କରିବା, ଗାଣିତିକ ହିସାବ

କରିବା, ଲେଖିବା ଏବଂ ବିଭିନ୍ନ ଧାରଣା ସୃଷ୍ଟି କରିବା ଇତ୍ୟାଦି ଅସୁବିଧା ଉପୁଜିଥାଏ । ଏକଥା ବୁଝିବାକୁ ହେବ ଯେ ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନଙ୍କର ବୁଦ୍ଧି ସାଧାରଣ ଏବଂ କିଛି କ୍ଷେତ୍ରରେ ଅସାଧାରଣ ବି ଥାଏ ।

ଶିକ୍ଷଣ ଅକ୍ଷମତା ଏକ ପ୍ରକାର ସ୍ନାୟୁବିକାଶ ଜନିତ ଅସୁବିଧା ଯାହାକି ବାକ୍ ଓ ଦୃଷ୍ଟି ଗତ ସମସ୍ୟା, ସାଂସ୍କୃତିକ ବା ଭାଷାଗତ ପ୍ରଭେଦ, ଉତ୍ସାହର ଅଭାବ କିମ୍ୱା ସାମାଜିକ ଆର୍ଥିକ ଅବସ୍ଥା ପାଇଁ ହୋଇନଥାଏ । ଏହା ଏକ ଜନ୍ମଗତ ଏବଂ ପରିବେଶ ସଂପର୍କିତ ସମସ୍ୟା ଯାହା ମସ୍ତିଷ୍କର ଦକ୍ଷତାକୁ କ୍ଷତି ପହୁଁଚାଇଥାଏ । ଫଳତଃ ତା'ର ମସ୍ତିଷ୍କ କୌଣସି ବାଚନିକ କିମ୍ୱା ଅବାଚନିକ ସୂଚନାକୁ ଠିକ୍ ଭାବେ ଅନୁଶୀଳନ କରିପାରେନା ଓ ଦକ୍ଷତାର ସହ ପ୍ରକାଶକରିପାରେନା ।

କିନ୍ତୁ ଶିକ୍ଷଣ ଅକ୍ଷମତା ବହୁବିଧ ସମସ୍ୟାର ସମାହାର ଯାହାକୁ କେବଳ ପଢ଼ିବା କିମ୍ୱା ଶବ୍ଦ ଚିହ୍ନିବା ସମସ୍ୟାରେ ସୀମିତ କରି ହେବନି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୬ ମସିହାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅଧିକାର ଓ ସୁଯୋଗ ଅଧିନିୟମ ସଂଶୋଧନ କରାଯାଇଥିଲା । ଆଗରୁ ପ୍ରାପ୍ତ ୭ ଟି ଅକ୍ଷମତାକୁ ମିଶାଇ ୨୧ ପ୍ରକାର ଅକ୍ଷମତାକୁ ସ୍ୱିକୃତି ଏହି ସଂଶୋଧିତ ଅଧିନିୟମରେ ସ୍ଥାନ ଦିଆଯାଇଥିଲା । ତନ୍ମଧ୍ୟରୁ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' ବା Specific Learning Disability ଅନ୍ୟତମ । ସେହି ଅଧିନିୟମ ଅନୁସାରେ ଶିକ୍ଷଣ ଅକ୍ଷମତା ବହୁବିଧ ଅବସ୍ଥାର ସମାହାର ଯେଉଁଥିରେ କଥିତ ବା ଲିଖିତ ଭାଷାକୁ ଅନୁଶୀଳନ କରିବାରେ ଏକ ଅନ୍ତର୍ନିହିତ ଅଭାବ ସୃଷ୍ଟି ହୋଇଥାଏ । ଏହିଭଳି ଅବସ୍ଥାରୁ ବୁଝିବା, କହିବା , ପଢ଼ିବା, ଲେଖିବା, ବନାନ କରିବା, କିମ୍ୱା ଗାଣିତିକ ହିସାବ କରିବାର ଅକ୍ଷମତା ଜନ୍ମ ନେଇଥାଏ ।

ଶିକ୍ଷଣ ଅକ୍ଷମତାର ପ୍ରଥମ ଅଧ୍ୟାୟରେ ଆମେ ଏହାର ଇତିହାସ, ପୃଷ୍ଠଭୂମି ଏବଂ ସଂଜ୍ଞା ସମ୍ପର୍କରେ ଆଲୋଚନା କରିଲେ । ପରବର୍ତ୍ତୀ ଅଧ୍ୟାୟ ଗୁଡ଼ିକ ଏହି ଅକ୍ଷମତାର ପ୍ରକାର କରଣ, ଚିହ୍ନଟୀକରଣ ଏବଂ ଉପଯୁକ୍ତ ମୂଲ୍ୟାୟନର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିବ । ସମାଜର ପ୍ରତ୍ୟେକ ବର୍ଗଙ୍କୁ ଶିକ୍ଷଣ ଅକ୍ଷମତା ପ୍ରସଙ୍ଗ ସମ୍ପର୍କରେ ସଚେତନା କରିବା ଏହି ମାର୍ଗଦର୍ଶିକାର ଉଦ୍ଦେଶ୍ୟ ।



## ଦ୍ୱିତୀୟ ଅଧ୍ୟାୟ

# ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ଲକ୍ଷଣ

ଶିକ୍ଷା ବ୍ୟବସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଥିବା 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା'କୁ ଶିକ୍ଷଣ ଅପାରଗତା ସହ ସମାନ ଭାବେ ବିବେଚନା କରାଯିବନି, ଯାହା ଏକ ଉପଚାର ଯୋଗ୍ୟ ଅବସ୍ଥା । ଶିକ୍ଷଣ ଅପାରଗତା ଥିବା ଯେ କୌଣସି ଶିଶୁକୁ ଶିକ୍ଷଣ ଅକ୍ଷମତା ଶ୍ରେଣୀଭୁକ୍ତ କରାଯାଇପାରିବନି। ଶିକ୍ଷଣ ଅକ୍ଷମତାର ପ୍ରକାର ଭେଦକୁ ଉଭୟ ଶିକ୍ଷଣ ଓ ଉପଚାର ଯୋଗ୍ୟ ଦୃଷ୍ଟିକୋଣରୁ ବିଚାର କରଯାଏ ।

ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା କହିଲେ କଥିତ ବା ଲିଖିତ ଭାଷାକୁ ବୁଝିବା ପାଇଁ ମନସ୍ତାତ୍ୱିକ ବିଶ୍ଳେଷଣରେ ଅସୁବିଧାକୁ ବୁଝାଯାଏ- ଯାହା ଦ୍ୱାରା ଶୁଣିବା, ଭାବିବା, କହିବା, ଲେଖିବା, ବନାନ କରିବା କିମ୍ୱା ଗାଣିତିକ ହିସାବ କରିବା ବାଧାପ୍ରାପ୍ତ ହୋଇଥାଏ । ବୁଝିବାରେ ଅସୁବିଧା, ମସ୍ତିଷ୍କରେ ଆଘାତ, ଆଂଶିକ ମସ୍ତିଷ୍କ ନିଷ୍କ୍ରିୟତା, ପଢ଼ିବା ବା ବନାନ କରିବାରେ ଅତିଶୟ ଅସୁବିଧା ଏବଂ ମସ୍ତିଷ୍କ ଆଘାତ ଯୋଗୁଁ ସଂପୂର୍ଣ୍ଣ ବା ଆଂଶିକ ବାକ୍‌ଶକ୍ତି ହୀନତା ଇତ୍ୟାଦି ଏହି ଶ୍ରେଣୀଭୁକ୍ତ ହୋଇଥାଏ । ଏଥିରୁ ସ୍ପଷ୍ଟ ଜଣା ପଡେ ଯେ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଦୃଷ୍ଟି, ଶ୍ରବଣ ବା ଚଳନ ଅକ୍ଷମତା, ମାନସିକ ଅନଗ୍ରସରତା, ଆବେଗଗତ କିମ୍ୱା ପରିବେଶ ଜନିତ, ସାଂସ୍କୃତିକ ବା ଆର୍ଥିକ ଅସୁବିଧାରୁ ସାଧାରଣ ଭାବେ ଉପୁଜିନଥାଏ ।

## ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ଲକ୍ଷଣସଂପର୍କରେ ବିଶ୍ଳେଷଣ:

ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଗୋଟିଏ ସ୍ନାୟୁ ବିକାଶ ଜନିତ ସମସ୍ୟା ଯାହାକି ପଢ଼ିବା, ଲେଖିବା କିମ୍ୱା ଗାଣିତିକ ହିସାବ କରିବା ଭଳି ଦକ୍ଷତାକୁ ଅବରୋଧ କରିଥାଏ। ଉକ୍ତ ଦକ୍ଷତା ଗୁଡ଼ିକ ଅନ୍ୟ ସବୁ ଶିକ୍ଷା ପ୍ରାପ୍ତି କରିବା ପାଇଁ ମୂଳଦୁଆ ସ୍ଥାପନ କରିଥାଏ । ଯଦିଓ ଶିଶୁଟିର ବିକାଶ ସାଧାରଣ ଭଳି ମନେ ହେଉଥାଏ, ତା'ର ଶିଖିବାରେ ଉପୁଜିଥିବା ଅସୁବିଧା ଆଶ୍ଚର୍ଯ୍ୟ ସୃଷ୍ଟି କରେ । ଶିଶୁ ଅବସ୍ଥାରେ ଶିକ୍ଷା ଗ୍ରହଣ କରିବା ସମୟରେ ଅକ୍ଷର ଶିଖିବା ଓ ଗଣନ କରିବା ପ୍ରାୟ ସ୍ୱାଭାବିକ ଜଣାପଡେ । କିନ୍ତୁ ଏ ସବୁ ଅକ୍ଷମତା ଆନୁଷ୍ଠାନିକ ଭାବେ ଶିକ୍ଷା ଗ୍ରହଣ କଲା ବେଳେ ହିଁ ଦୃଷ୍ଟି ଗୋଚର ହୁଏ ଏହିଭଳି ଅକ୍ଷମତାର ପ୍ରଭାବ କୈଶୋର ଅବସ୍ଥା ପର୍ଯ୍ୟନ୍ତ ଦୃଷ୍ଟିକୁ ଆସେ ଏବଂ ସାଂସ୍କୃତିକ ପ୍ରଭେଦ ଓ ଶିଶୁ ମାନଙ୍କର ବିକାଶ ଗତ ପରିବର୍ତ୍ତନ ସତ୍ତ୍ୱେ ଏହା ଏକ ନିତ୍ୟ ନୈମିତିକ ଅବସ୍ଥାରେ ରୂପାନ୍ତର ହୋଇଥାଏ ।

ଶିକ୍ଷଣ ଅକ୍ଷମତାର ଲକ୍ଷଣ ବିଶ୍ଳେଷଣ କଲା ବେଳେ ଏହି ସବୁ କଥା ନଜରକୁ ଆସେ ଯଥା- ବିଦ୍ୟାଳୟରେ ଆନୁଷ୍ଠାନିକ ଭାବେ ଅଧ୍ୟୟନ କରିବା ସମୟରେ ପଢ଼ିବା, ଲେଖିବା, ଗାଣିତିକ

ହିସାବ କରିବାର ଦକ୍ଷତାରେ ବିଭିନ୍ନ ପ୍ରକାର ଅଭାବ ପରିଲକ୍ଷିତ ହୋଇଥାଏ । ତନ୍ମଧ୍ୟରୁ ଭୁଲ୍ କିମ୍ବା ଧୀରେ ଏବଂ ବହୁ ଚେଷ୍ଟା କରି ପଢ଼ିବା, ନିମ୍ନ ସ୍ତରର ଲେଖା ଲେଖି, ସଂଖ୍ୟା ମନେ ରଖିବାରେ କଷ୍ଟ କିମ୍ବା ଗାଣିତିକ ହିସାବ କିତାବ ବୁଝିବାରେ ଅସୁବିଧା ଇତ୍ୟାଦି ଅନ୍ୟତମ ।

ବିଦ୍ୟାଳୟରେ ଅଧ୍ୟୟନ ସମୟରେ ଭାଷାଗତ ଏବଂ ସଂସ୍କୃତି ସମ୍ପର୍କୀତ ପଢ଼ିବା, ଲେଖିବା ଏବଂ ଗଣିତ ଇତ୍ୟାଦି ପରୀକ୍ଷାରେ ଶୈକ୍ଷିକ ଦକ୍ଷତା ସାଧାରଣ ସ୍ତର ଅପେକ୍ଷା ବହୁତ୍ ଖରାପ ଫଳାଫଳ ଦେଖାଯାଇଥାଏ । ଫଳତ ଜଣେ ଡିସ୍‌ଲେକ୍ସିକ୍ ବିଦ୍ୟାର୍ଥୀ ସାଧାରଣ ବିଦ୍ୟାର୍ଥୀ ଅପେକ୍ଷା ପଢ଼ିବା ପାଇଁ ବହୁତ୍ ବେଶି ଚେଷ୍ଟା କରିଥାଏ । ଏହିଭଳି ଶିକ୍ଷଣ ସମସ୍ୟା ବିଦ୍ୟାଳୟ ଅଧ୍ୟୟନ ସମୟରେ ପ୍ରଥମ ଅବସ୍ଥାରେ ଦେଖାଯାଇଥାଏ । ଜଣେ ବିଦ୍ୟାର୍ଥୀର ଏହିଭଳି ଅସୁବିଧା ତା'ର ଭବିଷ୍ୟତ ପଢ଼ା ପଢ଼ି, କର୍ମଦକ୍ଷତା କିମ୍ବା ଦୈନନ୍ଦିନ କାର୍ଯ୍ୟକୁ ବାଧା ପହଞ୍ଚାଇ ଥାଏ । ଏହିସବୁ ଅସୁବିଧା ପାଇଁ ବିକାଶଗତ, ସ୍ନାୟୁଗତ, ଦୃଷ୍ଟି ଓ ବାକ୍‌ଶକ୍ତି କିମ୍ବା ଚଳନ ଗତ କ୍ଷମତାକୁ ଦାୟୀ କରାଯାଇ ନପାରେ ।

ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ମୂଲ୍ୟାୟନ ଜଣେ ଛାତ୍ର ଛାତ୍ରୀର ଇତିହାସ, ଶିକ୍ଷକଙ୍କ ବିବରଣୀ, ବିଦ୍ୟାଳୟ ବିବରଣୀ, ଏବଂ ବିଦ୍ୟାର୍ଥୀକୁ ଦିଆଯାଉଥିବା ସାହାଯ୍ୟ ପ୍ରତି ତା'ର ପ୍ରତିକ୍ରିୟା ଉପରେ ପର୍ଯ୍ୟବେସିତ କରିବାକୁ ପଡ଼ିବ । ଜଣେ ବିଦ୍ୟାର୍ଥୀକୁ ଶିକ୍ଷଣ ଅପାରଗ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଉକ୍ତ ଅସୁବିଧା ଗୁଡ଼ିକ ନିରନ୍ତର ଭାବେ ପରିଲକ୍ଷିତ ହେବା ଆବଶ୍ୟକ । ସଦାବେଳେ ପରୀକ୍ଷା ଫଳାଫଳ ଲଗାତାର ଭାବେ ଉପଯୁକ୍ତ ପଦକ୍ଷେପ ନେବା ସତ୍ତ୍ୱେ ବି ସାଧାରଣ ସ୍ତର ଠାରୁ କମ୍ ରହିବା ଏକ ଲକ୍ଷଣ । ଶିକ୍ଷଣ ଅପାରଗତାର ବିଭିନ୍ନ ପ୍ରକାରଭେଦ ବହୁବିଧ ପର୍ଯ୍ୟାୟରେ କରାଯାଇଥାଏ । ଶିଶୁମାନଙ୍କୁ ଶିକ୍ଷଣ ଅକ୍ଷମ, ସାଧାରଣ ବିଦ୍ୟାର୍ଥୀ, ମାନସିକ ସ୍ତରରେ ନ୍ୟୂନ, ପଢ଼ିବା ଏବଂ ଗଣିତରେ ଅଯୋଗ୍ୟ ଇତ୍ୟାଦି ବିଭିନ୍ନ ପରିପ୍ରେକ୍ଷୀରେ ସ୍ଥାନିତ କରାଯାଏ । ଶିକ୍ଷଣ ଅକ୍ଷମତାକୁ କେବଳ ଲକ୍ଷ୍ୟ ହାସଲ କରିବା କିମ୍ବା କମ୍ ନମ୍ବର ରଖିଲେ ବୁଝାଯିବ ନାହିଁ, କାରଣ ଏସବୁ ଅସୁବିଧା ପାଇଁ ଆବେଗିକ ବିଶୃଙ୍ଖଳା, ସାମାଜିକ କିମ୍ବା ସାଂସ୍କୃତିକ ଅସୁବିଧା କିମ୍ବା କମ୍ ଦିଗ୍‌ଦର୍ଶନ ମିଳିବା ଦାୟୀ ନହୋଇ ପାରେ ! ଏହାକୁ ଏକ ଅପ୍ରତ୍ୟାଶିତ ଖରାପ ପ୍ରଦର୍ଶନ କୁହାଯାଇପାରେ, ଯାହାକି ନିରନ୍ତର ଭାବେ ପ୍ରତ୍ୟେକ ଶ୍ରେଣୀରେ ଲକ୍ଷ୍ୟ କରାଯାଏ ଏବଂ ଶେଷରେ କମ୍ ପାରଦର୍ଶିତା ପରିଲକ୍ଷିତ ହୋଇଥାଏ । ଶିକ୍ଷଣ ଅକ୍ଷମତାକୁ ବହୁତ କ୍ୱଚିତ୍ ଏକକ ଅକ୍ଷମତା ଭାବେ ବିବେଚନା କରାଯାଏ । ବରଂ ଏହାର ବ୍ୟାପକ ସଂଜ୍ଞାରେ ୭ ଟି ଶ୍ରେଣୀକୁ ଅନ୍ତର୍ଭୁକ୍ତ କରାଯାଇଥାଏ । ଯଥା- ଶୁଣିବା, କହିବା, ସାଧାରଣ ଭାବେ ପଢ଼ିବା (ଅକ୍ଷରକୁ ଚିହ୍ନିବା ଓ ଶବ୍ଦକୁ ପଢ଼ିବା) ପଢ଼ିସାରି ବୁଝିବା, ଗାଣିତିକ ହିସାବ, ଗଣିତକୁ ବୁଦ୍ଧି ଦ୍ୱାରା ବୁଝିବା ଏବଂ ଲିଖିତ ଭାବେ ଭାବ ବ୍ୟକ୍ତ କରିବା ଇତ୍ୟାଦି ଏହି ଶ୍ରେଣୀରେ ସ୍ଥାନ ପାଇଥାଏ । ଶିକ୍ଷଣ ଅକ୍ଷମତାର ପ୍ରକାର ଭେଦକୁ ୭ ଭାଗରେ ନାମକରଣ କରାଯାଏ ଯଥା ଡିସ୍‌ଲେକ୍ସିଆ, ଡିସ୍‌ଗ୍ରାଫିଆ, ଡିସ୍‌କାଲ୍‌କୁଲିଆ, ଶ୍ରବଣ ପ୍ରକ୍ରିୟାରେ ଅସୁବିଧା, ଭାଷା ପରିପ୍ରକାଶ ବାଧା, ଭାବ ପ୍ରକାଶ ଜନିତ ଅକ୍ଷମତା ଏବଂ ଦୃଷ୍ଟି ଚଳନ ବାଧା ଇତ୍ୟାଦି ।

## ତୃତୀୟ ଅଧ୍ୟାୟ

# ଡିସ୍‌ଲେକ୍ସିଆ ବା ପଠନ ଅକ୍ଷମତା

## ଡିସ୍‌ଲେକ୍ସିଆ ବା ପଠନ ଅକ୍ଷମତାର ଲକ୍ଷଣ..

'ଡିସ୍‌ଲେକ୍ସିଆ' ବା ପଠନ ଅକ୍ଷମତା ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯାହା ପଢ଼ିବା ଏବଂ ଭାଷା ଜନିତ ଦକ୍ଷତାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାରେ ଅସୁବିଧା ସୃଷ୍ଟିକରିଥାଏ । ଏହିଭଳି ଅକ୍ଷମତା ସାଧାରଣତଃ ପ୍ରାୟ ଶତକଡ଼ା ୮୦ ଭାଗ ଶିକ୍ଷଣ ଅପାରଗଙ୍କ ପାଖରେ ଦେଖାଯାଏ । ଏହା ଅନର୍ଗଳ ପଢ଼ିବାରେ, ଭାଷାକୁ ଭାବରେ ପରିବର୍ତ୍ତନ କରିବାରେ, ପଢୁଥିବା ବିଷୟକୁ ବୁଝିବାରେ, ମନେ ପକେଇବାରେ, ଲେଖିବା ଓ ବନାନ କରିବାରେ ଓ ବେଳେ ବେଳେ କଥା କହିବାରେ ବିଶେଷ ଅସୁବିଧା ସୃଷ୍ଟି କରିଥାଏ । ଅନ୍ୟାନ୍ୟ ଅପାରଗତା ସହ ବି ଶିକ୍ଷଣ ଅକ୍ଷମତା ଦେଖାଯାଏ । ମୋଟା ମୋଟି ଏହାର ମାତ୍ରା ବ୍ୟକ୍ତି ବିଶେଷରେ କମ୍ ବା ବେଶୀ ହୋଇପାରେ । ଡିସ୍‌ଲେକ୍ସିଆ ବା ପଠନ ଅକ୍ଷମତା ପ୍ରାୟତଃ ଭାଷା ଜନିତ ଅକ୍ଷମତା ଭାବେ ଅଭିହିତ କରାଯାଏ ।

ଐତିହାସିକ ପରିପ୍ରେକ୍ଷୀରେ 'ଡିସ୍‌ଲେକ୍ସିଆ' ଗ୍ରୀକ୍ ଶବ୍ଦରୁ ଉତ୍ପତ୍ତି ବୋଲି କୁହାଯାଏ । ଏହା ଏକ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' ସ୍ନାୟୁଜୈବ ଭିତ୍ତିକ ଏବଂ ଅକ୍ଷରକୁ ଠିକ୍ ଭାବେ ବୁଝିନପାରିବାର ଅସୁବିଧା, ଭୁଲ୍ ଉଚ୍ଚାରଣ ଏବଂ ସାଙ୍କେତିକ ଭାଷାକୁ ବୋଧଗମ୍ୟ ଭାଷାରେ ପରିବର୍ତ୍ତନ କରି ନପାରିବା ଇତ୍ୟାଦି । ଅକ୍ଷମତା ସହ ସଂପୃକ୍ତ ଏହିସବୁ ଅସୁବିଧା ବିଶେଷତଃ ଭାଷା କ୍ଷେତ୍ରରେ ଧ୍ୱନି ବା ସ୍ୱର ଉପାଦାନ ସହ ଜଡ଼ିତ ଥାଏ ।

ପଢ଼ିବାରେ ଅପାରଗତା ଶବ୍ଦଧ୍ୱନୀକୁ ବିଶ୍ଳେଷଣ କରିବାରେ ଅସୁବିଧା ଯୋଗୁ ସୃଷ୍ଟି ହୋଇଥାଏ । ପଠନ ବାଧିତ ବ୍ୟକ୍ତି ମାନେ ସାଙ୍କେତିକ ଶବ୍ଦକୁ ଅଲଗା ଧ୍ୱନୀରେ ରୂପାନ୍ତରିତ କରିବାପାଇଁ ବାରମ୍ବାର ସଂଘର୍ଷ କରିଥାନ୍ତି । ଧ୍ୱନୀ ସମୂହକୁ ଏକାଠି ମିଶାଇ ଶବ୍ଦ ଗୁଡ଼ିକୁ ଠିକ୍ ଭାବେ ଏବଂ ତ୍ୱରିତ କହିବାପାଇଁ ସେମାନେ ଯଥେଷ୍ଟ କଷ୍ଟ ଅନୁଭବ କରନ୍ତି । ଏହିସବୁ ପ୍ରକ୍ରିୟା ରୂପାନ୍ତରିକରଣ ସମସ୍ୟା, କୌଣସି ଏକ ପ୍ରସଙ୍ଗ ବା ବିଷୟକୁ ବୁଝିବାରେ ଅନ୍ତରାୟ ସୃଷ୍ଟି କରେ । ପଢ଼ିବା ସମୟରେ MRI (Magnetic Resonance Imaging ) ଦ୍ୱାରା ମସ୍ତିଷ୍କ ଭିତରେ ଏକ ଭିନ୍ନ ଧରଣର ଚିତ୍ର ଓ ଅବସ୍ଥା ଏହାକୁ ସ୍ନାୟୁ ଜନିତ ଏବଂ ଜନ୍ମଗତ ସମସ୍ୟା ବୋଲି ପ୍ରମାଣିତ କରେ । ମସ୍ତିଷ୍କର ବାମ ପାର୍ଶ୍ୱ ତିନୋଟି ବ୍ୟବସ୍ଥା ଦ୍ୱାରା ଜାଗ୍ରତ ହୁଏ ଯଥା ବାମ ପାର୍ଶ୍ୱର ସାମ୍ନାଭାଗରେ ଥିବା ବ୍ୟବସ୍ଥା ଯାହାକି ଧ୍ୱନୀ ସୃଷ୍ଟିରେ ବାଧକ ହୋଇଥାଏ । ଏହାର ଶବ୍ଦ ଉଚ୍ଚାରଣ ନୀରବରେ ବା ଉଚ୍ଚ ସ୍ୱରରେ ହୋଇପାରେ । ବାମପାର୍ଶ୍ୱର ମଧ୍ୟଭାଗରେ ରହିଥିବା ବ୍ୟବସ୍ଥା ଲିଖିତ ଶବ୍ଦକୁ ବିଶ୍ଳେଷଣ କରେ ଏବଂ ତୃତୀୟ ବ୍ୟବସ୍ଥାଟି ଆପେ ଆପେ ଶବ୍ଦ ଗୁଡ଼ିକୁ

ଚିହ୍ନିଥାଏ । 'ଡିସ୍‌ଲେକ୍ସିଆ'ଦ୍ୱାରା ପ୍ରଭାବିତ ଶିଶୁ ଓ କିଶୋର ମାନଙ୍କ କ୍ଷେତ୍ରରେ ଉକ୍ତ ବ୍ୟବସ୍ଥା ସେଭଳି ଜାଗ୍ରତ ହୋଇପାରେନି ।

ଫଳତଃ ଏହି ବ୍ୟକ୍ତିମାନେ ନୂଆ ଶବ୍ଦ ଗୁଡ଼ିକୁ ପଢ଼ିବା ପାଇଁ ଅହରହ ସଂଘର୍ଷ କରିଥାନ୍ତି କାରଣ ସେମାନେ ମସ୍ତିଷ୍କର ଡାହାଣ ପଟେ ଥିବା ସ୍ଥାନ ଉପରେ ମୁଖସ୍ଥ କରି ମନେ ରଖିବାକୁ ଚେଷ୍ଟା କରନ୍ତି । ସେମାନେ ଶବ୍ଦ ଓ ସଂକେତର ସମ୍ପର୍କକୁ ବ୍ୟାଖ୍ୟା କରି ବୁଝିପାରନ୍ତିନି । ଗବେଷଣାରୁ ଜଣା ପଡେ ଯେ ପଠନ ଅକ୍ଷମତା ପ୍ରାୟତଃ ବଂଶଗତ ବା ପରିବାର ସଭ୍ୟଙ୍କ ଠାରୁ ଆସିଥାଏ । ଶତକଡ଼ା ୬୯ ରୁ ୮୭ ଭାଗ ଶିଶୁଙ୍କର ଏହି ପଠନ ଅକ୍ଷମତା ବଂଶଗତ ବା ଜନ୍ମଗତ ଏବଂ ମାତ୍ର ୧୩ରୁ ୩୦ ଭାଗ ପରିବେଶ ସମ୍ପର୍କୀତ ବିଭିନ୍ନ କାରଣରୁ ଘଟିଥାଏ ।

## ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କଠାରେ ଏହିସବୁ ଅକ୍ଷମତା ଲକ୍ଷଣ ସମୁହ ଦେଖାଯାଏ-

- ବିଳମ୍ବରେ କଥା କହିବା
- ଶବ୍ଦ ଉଚ୍ଚାରଣରେ ସମସ୍ୟା ଦେଖାଦେବା
- ଶବ୍ଦ କୁ ଛନ୍ଦରେ କହିବା ସମସ୍ୟା
- ଶିଶୁଗୀତ ଶିଖିବା ଓ ମନେରଖିବା
- ଆକାର ଏବଂ ରଙ୍ଗ ଚିହ୍ନିବା ଓ ଶିଖିବା
- ନିଜ ନାଆଁ ଲେଖିବାରେ ଅସୁବିଧା
- କାହାଣୀକୁ ଠିକ୍ ଘଟଣା କ୍ରମରେ କହିବା
- ଭାଷା ଓ ଶବ୍ଦକୁ ନେଇ ଅସୁବିଧା
- ଖେଳରେ ଆଗ୍ରହ ନଦେଖେଇବା
- ଛନ୍ଦ ଶବ୍ଦ ବା ଗୀତ ସମ୍ପର୍କିତ ଭାଷା ପୁନରାବୃତ୍ତି କରିବାରେ
- ନିଜ ନାମରେ ଥିବା ଅକ୍ଷରକୁ ଚିହ୍ନି ନ ପାରିବା ସମସ୍ୟା
- ଅକ୍ଷର ସଂଖ୍ୟା ଓ ସପ୍ତାହ ଦିନ ଗୁଡ଼ିକରେ ନାମ ମନେ ନରଖି ପାରିବା ସମସ୍ୟା

## ବିଦ୍ୟାଳୟ ଯାଉଥିବା ବିଦ୍ୟାର୍ଥୀ ମାନଙ୍କର ଲକ୍ଷଣ ସମୁହ :

### ପ୍ରାଥମିକ ପର୍ଯ୍ୟାୟରେ

- ଯେଉଁ ବୟସରେ ଯେତିକି ପଢିବା କଥା ତା'ଠୁ ଯଥେଷ୍ଟ କମ୍ ସ୍ତରର
- ଘଟଣାବଳୀକୁ କ୍ରମାନ୍ୱୟରେ ମନେ ରଖିବା ଅସୁବିଧା
- ଅକ୍ଷର ଏବଂ ଶବ୍ଦ ମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ଓ ପ୍ରଭେଦ ଜାଣିବାରେ ଅସାମର୍ଥ୍ୟ

- ଶବ୍ଦକୁ ଠିକ୍ ଭାବେ ବନାନ୍ କରିବାରେ ଅସୁବିଧା
- ବିଦ୍ୟାଳୟରୁ ପ୍ରାୟତଃ ଭଲ ନପଢୁଥିବାର ମନ୍ତବ୍ୟ ଆସୁଥିବା
- ସାଧାରଣ ଛାତ୍ର ଓ ପଠନ ଅକ୍ଷମ ବା ଡିସ୍‌ଲେକ୍ସିଆ ଛାତ୍ର ପଢ଼ିବା ମଧ୍ୟରେ ତଫାତ୍ ଏକ ଉଦାହରଣ ମାଧ୍ୟମରେ ଆମେ ଭଲଭାବେ ବୁଝିପାରିବା
- ସାଧାରଣ ଛାତ୍ର Reading କୁ ଠିକ୍ ଭାବେ Reading ବୋଲି ପଢ଼ିଥାଏ କିନ୍ତୁ ଜଣେ ଡିସ୍‌ଲେକ୍ସିଆ ଛାତ୍ର ଏହାକୁ Reabing ବୋଲି ପଢ଼ିଥାଏ । ଠିକ୍ ସେହିଭଳି ଜଣେ ସାଧାରଣ ଛାତ୍ର ବାକ୍ୟ କହିବା - it is easy to read this sentence ଏବଂ ଡିସ୍‌ଲେକ୍ସିଆ ଛାତ୍ର କହିବ - it is easy to reab this senfence । ଡିସ୍‌ଲେକ୍ସିଆ ଛାତ୍ର କିଛି ଶବ୍ଦକୁ ଭୁଲ୍ ଉଚ୍ଚାରଣ କରିଥାଏ ଯଥା ଏକକ ଶବ୍ଦକୁ ପଢିବାରେ ଅସୁବିଧା ହୁଏ ଯେମିତି 'mat' ବା 'top' ଭଳି ଶବ୍ଦ ।
- ଶବ୍ଦ ଏବଂ ଅକ୍ଷରକୁ ସଂଯୋଗ କରିବାରେ ସମସ୍ୟା ହୋଇଥାଏ ।
- ସେହିଭଳି ସଂଖ୍ୟା ଏବଂ ଅକ୍ଷରକୁ କ୍ରମାନ୍ୱୟରେ ରଖିବାର ସମସ୍ୟା ଉପୁଜିଥାଏ ।
- ଉଚ୍ଚଶ୍ରେଣୀର ବିଦ୍ୟାର୍ଥୀମାନେ ବି 'd' ଏବଂ 'b' କିମ୍ବା 'm' ସହ 'w' ଲେଖିଲାବେଳେ ବାରମ୍ବାର ଭୁଲ୍ କରିଥାନ୍ତି ।
- ଅନେକ ସମୟରେ ଶବ୍ଦଗୁଡ଼ିକ ପଛଆଡ଼କୁ ଲେଖିଥାନ୍ତି ଯଥା 'tip' ଲେଖିବାକୁ ଚାହୁଁଥିବାବେଳେ ଲେଖନ୍ତି 'pit' !
- ବ୍ୟାକରଣ ପ୍ରସଙ୍ଗରେ କୌଣସି ଏକ ଶବ୍ଦ ପୂର୍ବରୁ ଉପସର୍ଗ ଏବଂ ପରେ ପ୍ରତ୍ୟୟ ଭାବେ ବ୍ୟବହାର କରିବା ଶବ୍ଦକୁ ଭୁଲ୍ ଭାବେ ଲେଖନ୍ତି ।
- ଶ୍ରେଣୀ ଗୃହରେ ବଡପାଟିରେ ପଢିବାକୁ କିମ୍ବା ପଢିବା ସଂବନ୍ଧୀୟ କୌଣସି କାର୍ଯ୍ୟକୁ ଏଡାଇଯାନ୍ତି ।
- କୌଣସି ଏକକ ଶବ୍ଦକୁ ବି ପଢିବା ପାଇଁ ସେହିଭଳି ବିଦ୍ୟାର୍ଥୀଙ୍କୁ ବହୁତ୍ ଚେଷ୍ଟା କରିବାକୁ ପଡେ ।
- ବହୁ ଅକ୍ଷର ବିଶିଷ୍ଟ ଶବ୍ଦକୁ ଉଚ୍ଚାରଣ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ ।
- ପ୍ରତିଦିନ ସେଇ ଗୋଟିଏ କଥାକୁ ବୁଝିବା ପାଇଁ ବାରମ୍ବାର ପଢିବାକୁ ପଡିଥାଏ ।

## ଚତୁର୍ଥ ଅଧ୍ୟାୟ

# ଡିସ୍‌କାଲ୍‌କୁଲିଆ ବା ଗାଣିତିକ ଅକ୍ଷମତା


ଗାଣିତିକ ଅକ୍ଷମତା ଜଣେ ବ୍ୟକ୍ତିର ସଂଖ୍ୟା ମୂଲ୍ୟ ବୁଝିବା ଏବଂ ଗଣିତ ବିଷୟ ବୁଝିବାର ଦକ୍ଷତାକୁ ବାଧା ଦେଇଥାଏ । ଏହି ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଗଣିତ ସାଙ୍କେତିକ ଚିହ୍ନ ବୁଝିପାରନ୍ତିନି । ସେହିପରି ସେମାନେ କୌଣସି ସଂଖ୍ୟା ବା ହିସାବ ମନେ ରଖିବାପାଇଁ ସଂଘର୍ଷ କରିଥାନ୍ତି । ଘଣ୍ଟା ଦେଖି ସମୟ କହିବ ଓ ହିସାବ କରିବା ପାଇଁ ବହୁତ କଷ୍ଟ କଲାଭଳି ଲାଗେ । ପ୍ରଥମ ଅବସ୍ଥାରେ ସଂଖ୍ୟା ବା ସେ ସମ୍ପର୍କିତ ମୌଳିକ ଧାରଣା ବୁଝି ନପାରିବାର ଲକ୍ଷଣ ଜଣା ପଡିଯାଇଥାଏ । ତ' ପର ଅବସ୍ଥାରେ ବୁଦ୍ଧି ପ୍ରୟୋଗ କରିବା କ୍ଷେତ୍ରରେ ସମସ୍ୟା ଦେଖାଯାଏ ।ଏଭଳି ଜଣେ ଛାତ୍ର ପରିଣତ ଅବସ୍ଥାରେ ସୂଚନା ବିଶ୍ଳେଷଣ କରିପାରେନି ଏବଂ କମ୍ପ୍ୟୁଟର ଜ୍ଞାନ ଦ୍ୱାରା କୌଣସି ସମସ୍ୟାର ସମାଧାନ ବାହାର କରିବା ଜାଣିପାରେନି । ଗାଣିତିକ ଅକ୍ଷମତା ଜଣେ ଶିକ୍ଷଣ ଅକ୍ଷମ ବିଦ୍ୟାର୍ଥୀ ପାଇଁ ଉଚ୍ଚ ବିଦ୍ୟାଳୟରେ ଭବିଷ୍ୟତରେ ସବୁଠୁ ବଡ ଆହ୍ୱାନ ସୃଷ୍ଟିକରେ ।

ବିଭିନ୍ନ ପ୍ରକାର ମନସ୍ତାତ୍ୱିକ, ସ୍ନାୟୁଗତ, ଜନ୍ମଗତ, ପରିବେଶଜନିତ ଏବଂ ଆବେଗିକ କାରଣ ଡିସ୍କାଲ୍‌କୁଲିଆ ଭଳି ଏକ ଅବସ୍ଥା ସୃଷ୍ଟି କରିଥାଏ । ମସ୍ତିଷ୍କର ସାମ୍ନା ବାମ ପାର୍ଶ୍ୱରେ ଅବସ୍ଥିତ ଏକ ଅଂଶ ସଂଖ୍ୟା ଅର୍ଥକୁ ବୁଝିବାରେ ଅସୁବିଧା ସୃଷ୍ଟି କରିଥାଏ । MRI ଗବେଷଣାରୁ ଜଣାପଡେଯେ ମସ୍ତିଷ୍କର ସେହି ବାମ ପାର୍ଶ୍ୱରେ ଥିବା ସଂକୁଚିତ ଧୂସର ପଦାର୍ଥ ଡିସ୍କାଲ୍‌କୁଲିଆ ଶିଶୁମାନଙ୍କ କ୍ଷେତ୍ରରେ ଦେଖାଯାଇଥାଏ । ପରିବେଶ ଜନିତ କାରଣ ଯଥା ବିଦ୍ୟାଳୟରେ ପଢାର ଗୁଣବତ୍ତା, ଦାରିଦ୍ର୍ୟ ଉତ୍କଣ୍ଠା ଦ୍ୱାରା ପୀଡିତ ଏବଂ ଉତ୍ସାହର ଅଭାବ ଭଳି କେତୋଟି ସମସ୍ୟାରୁ ଜନ୍ମ ନେଇଥାଏ ଗାଣିତିକ ଅକ୍ଷମତା ଓ ସାମାଜିକ-ମନସ୍ତାତ୍ୱିକ ଦୁରାବସ୍ଥା ।

ଡିସ୍କାଲ୍‌କୁଲିଆ ବା ଗାଣିତିକ ଅକ୍ଷମତାର ଲକ୍ଷଣ ସମୂହ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଦୁଇ ତିନି ବର୍ଷରେ ବିଶେଷ ଜଣା ପଡ଼େନି ଏହି ସମୟରେ ଗାଣିତିକ ଦକ୍ଷତା ନଥିବା ଶିଶୁମାନେ ଘୋଷା ଘୋଷି କରି ଗଣିତ ମନେ ରଖିଦେଇପାରନ୍ତି । ଯେହେତୁ ଗଣିତ ପାଠରେ ଦୁଇଟି ସଂଖ୍ୟା ବା ପଦାର୍ଥ ଭିତରେ ପାର୍ଥକ୍ୟ ଦେଖିପାରିଲାଭଳି କ୍ଷମତା ଆବଶ୍ୟକ ହୁଏ ଏବଂ ସ୍ଥାନ, କାଳ, ପାତ୍ରରେ ବୁଦ୍ଧି ପ୍ରୟୋଗ କରିବାକୁ ପଡେ, ଜଣେ ଏହିଭଳି ବିଦ୍ୟାର୍ଥୀ ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧାର ସାମ୍ନା କରେ ।

## ଗାଣିତିକ ଅକ୍ଷମତା (Dyscalculia)ର ବିଶେଷ ଲକ୍ଷଣାବଳୀ:

- ଏହିଭଳି ବିଦ୍ୟାର୍ଥୀ ଘଣ୍ଟା ଦେଖି ସମୟ କହିବା ପାଇଁ କଷ୍ଟ ଅନୁଭବ କରନ୍ତି ।
- ସେହିଭଳି ପଇସା ଗଣିବା ପାଇଁ ବା ଗାଣିତିକ ସୂତ୍ର ମନେ ରଖିବା ସେମାନଙ୍କ ପାଇଁ ଦୁରୁହ ବ୍ୟାପାର ଭଳି ମନେ ହୁଏ ।
- ସେମାନେ ଗାଣିତିକ ସୂତ୍ର ଅନୁଯାୟୀ ମନେ ରଖିପାରନ୍ତି ନାହିଁ, ତେଣୁ ଆଙ୍ଗୁଠି ଗଣି ହିସାବ କରନ୍ତି
- ଡାହାଣ ଓ ବାମ ପାର୍ଶ୍ୱ ମଧ୍ୟରେ ତଫାତ ଜାଣିପାରନ୍ତିନି ।
- ହିସାବ କଲାବେଳେ କେଉଁ ସଂଖ୍ୟା କେଉଁ ସ୍ଥାନରେ ରଖାଯିବ ବୁଝିପାରନ୍ତି ନାହିଁ । ସେଥିପାଇଁ ହିସାବ ଭୁଲ୍ ହୁଏ ।
- ଭଗ୍ନାଂଶ ବିଷୟରେ କୌଣସି ଧାରଣା କରିପାରନ୍ତିନି ।
- ତୃତୀୟ ଶ୍ରେଣୀ ବା ତଦୁର୍ଦ୍ଧ୍ୱ ଶ୍ରେଣୀର ବିଦ୍ୟାର୍ଥୀ ମାନେ ଯେତେବେଳେ ଗାଣିତିକ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରନ୍ତି, ସେମାଙ୍କର ହିସାବ ଅକ୍ଷମତା ବା ଅପାରଗତା ଜଣା ପଡ଼ିଯାଏ । ହଠାତ୍ ଗୁଣନ କରି ତା'ର ସଂଖ୍ୟା ଜାଣିପାରନ୍ତିନି ।
- କ୍ରିକେଟ ଖେଳ ବା ଅନ୍ୟ ଖେଳରେ କେତେ ସ୍କୋର ହେଲା ବା ଗୋଲ ହେଲା ମନେ ରଖିବା ବଡ କଷ୍ଟ ହୋଇଥାଏ । ଦୌଡକୁଦ ଖେଳରେ କେଉଁ ଟ୍ରାକ୍‌ରେ କିଏ ଦୌଡିବା କଥା ବୁଝିପାରନ୍ତି ନାହିଁ ।
- ସେହିଭଳି ତାସ୍ ଖେଳ ବା ଅନ୍ୟାନ୍ୟ ଖେଳରେ କିଏ କାହାପରେ ଖେଳିବ ବୁଝିପାରନ୍ତିନି । ଚେସ୍ ଖେଳ ଖେଳିବା ପାଇଁ ଯେତିକି ଯୋଜନା କରି ଖେଳିବା କଥା ସେତିକି ଦକ୍ଷତା ତାଙ୍କର ନଥାଏ ।



### ପଞ୍ଚମଅଧ୍ୟାୟ

# ଶ୍ରବଣ ପ୍ରକ୍ରିୟାକରଣ ବିଶୃଙ୍ଖଳା
## (Auditory Processing Disorder)

ଉଚ୍ଚକୋଟୀର ଶବ୍ଦ ବା ଭାଷା ନବୁଝିପାରିଲେ ଏହି ଅପାରଗତାକୁ ଶ୍ରବଣ ସମସ୍ୟା ଜନିତବୋଲି କୁହାଯାଇପାରିବନି । ଜନ୍ମରୁ ଏହି ଅକ୍ଷମତା ସହ ଏହାର ସମ୍ପର୍କ ନାହିଁ । ତଥାପି ସେହି ଶିଶୁ ବା ବିଦ୍ୟାର୍ଥୀ ମସ୍ତିଷ୍କରେ ଥିବା ସ୍ନାୟୁ ଜନିତ ଅସୁବିଧା ଯୋଗୁଁ ଶବ୍ଦ ବା ଭାଷାର ଅର୍ଥ ବୁଝିପାରେ ନାହିଁ । ଶିକ୍ଷଣ ଅକ୍ଷମତା ଏହି ପ୍ରକାର ଅସୁବିଧା ଯୋଗୁଁ ବି ସୃଷ୍ଟି ହୋଇଥାଏ । ଭାଷା ବା ଶବ୍ଦର ଉପଯୁକ୍ତ ପ୍ରକିୟାକରଣ ହୋଇପାରେନି ଏବଂ ସେହି ବ୍ୟକ୍ତି ଶବ୍ଦ ଅର୍ଥ ବୁଝିପାରେନି । ଏହା ଅର୍ଥ ନୁହେଁ ଯେ ସେ ବ୍ୟକ୍ତି ଶବ୍ଦ ବା ଭାଷା ଶୁଣିପାରେନି । ସେ ଶୁଣିପାରେ କିନ୍ତୁ ତା'ର ମସ୍ତିଷ୍କ ପ୍ରଭାବିତ ହୋଇଥିବା ଯୋଗୁଁ ଉପଯୁକ୍ତ ଭାବେ ସେ ଶବ୍ଦ ଗ୍ରହଣ କରିପାରେନି । ଏହାକୁ କେନ୍ଦ୍ରୀୟ ଶ୍ରବଣ ପ୍ରକ୍ରିୟାକରଣ ବିଶୃଙ୍ଖଳା କୁହନ୍ତି ଯେଉଁଥିପାଇଁ କାନ ଜରିଆରେ ଶବ୍ଦ ମୁକ୍ତଭାବେ ଯାଇପାରେନି ଏବଂ ମସ୍ତିଷ୍କ ଠିକ୍ ସଂକେତ ଦେଇପାରେନି । ଶବ୍ଦ ଯେତେ ପ୍ରଖର ଏବଂ ସ୍ପଷ୍ଟ ହେଉନା କାହିଁକି, ଏହି ଅପାରଗ ବ୍ୟକ୍ତିମାନେ ବିଭିନ୍ନ ଶବ୍ଦ ମଧ୍ୟରେ ସ୍ପଷ୍ଟ ପ୍ରଭେଦକୁ ବୁଝିପାରନ୍ତିନି । ସେମାନେ କୋଳାହଳ ବା ମିଶ୍ରିତ ଶବ୍ଦ ଗୁଂଜରଣ ଭିତରୁ ଠିକ୍ ଶବ୍ଦକୁ ଗ୍ରହଣ କରିପାରନ୍ତିନି । ଏହିଭଳି ଶ୍ରବଣ ପ୍ରକ୍ରିୟାକରଣ ବିଶୃଙ୍ଖଳା କ୍ଷେତ୍ରରେ ମସ୍ତିଷ୍କ କାନ ଜରିଆରେ ପାଇଥିବା ସୂଚନାକୁ ଭୁଲ ଭାବେ ଉପସ୍ଥାପନା କରେ ।

## ଲକ୍ଷଣାବଳୀ:

ଶିଶୁର କଥା କହିବାର ଶୈଳୀ ଏବଂ ପଢିବା, ଲେଖିବା ଓ ଉଚ୍ଚାରଣ କରିବାର ଦକ୍ଷତା ଉକ୍ତ ଅପାରଗତା ଦ୍ୱାରା ପ୍ରଭାବିତ ହୋଇଥାଏ । ଏଥିରେ ଆକ୍ରାନ୍ତ ଶିଶୁମାନେ କଥା କହିଲାବେଳେ ଶବ୍ଦ ଗୁଡିକର ଶେଷ ଅକ୍ଷର ସବୁ ଛାଡିଯା'ନ୍ତି କିମ୍ବା ଏକାଭଳି ଶୁଭୁଥିବା ଶବ୍ଦକୁ ମିଶାଇଦିଅନ୍ତି । ଫଳତଃ ଅନ୍ୟମାନଙ୍କ ସହ ସେମାନେ କଥାବାର୍ତ୍ତା କରିବାରେ ଅସମର୍ଥ ହୋଇଥାନ୍ତି । ଅନ୍ୟମାନଙ୍କର କଥା ଓ ଶବ୍ଦକୁ ଯେହେତୁ ଠିକ୍ ଭାବରେ ଗ୍ରହଣ କରିପାରନ୍ତିନାହିଁ, ସେମାନେ ଯଥା ଶୀଘ୍ର ଉତ୍ତର ଦେଇପାରନ୍ତିନି ।

- ଏକ ବିଶୃଙ୍ଖଳିତ ପରିବେଶ ଏବଂ କୋଳାହଳମୟ ଗୁଞ୍ଜରଣ ଭିତରୁ ଭାସିଆସୁଥିବା ଶବ୍ଦ ଓ କଥାକୁ ଶିଶୁଟି ବୁଝିପାରେ ନାହିଁ ।
- କେଉଁଠାରୁ ଶବ୍ଦ ଆସୁଛି ସେ ଠଉରେଇ ପାରେନା ।
- ଫୋନରେ ଶୁଣୁଥିବା କଥାସବୁ ସ୍ପଷ୍ଟଭାବେ ବୁଝିପାରେନା ।
- ଅପରପାର୍ଶ୍ୱରୁ କୌଣସି ବ୍ୟକ୍ତି କିଛି ସୂଚନା ଚାହୁଁଥିଲେ ବା ପ୍ରଶ୍ନ ପଚାରିଲେ, ସେମାନଙ୍କ ଉତ୍ତର ରେ କୌଣସି ତାଳମେଳ ନଥାଏ ।
- ଜଲ୍‌ଦି କହୁଥିବା କଥାକୁ ବାରମ୍ବାର କହିବାପାଇଁ ସେମାନେ ଅନୁରୋଧ କରନ୍ତି କିମ୍ବା ଆହୁରି ସହଜ ଢଙ୍ଗରେ ଶୁଣିବାପାଇଁ ଇଚ୍ଛା ପ୍ରକାଶ କରନ୍ତି ।
- ଦିଗ ନିରୂପଣ କରିବାରେ ସେମାନେ ଅସମର୍ଥ ହୁଅନ୍ତି ।
- କୌଣସି କଥାରେ ବ୍ୟଙ୍ଗାତ୍ମକ ବା ହାସ୍ୟରସ ଭାଷା ବା ସ୍ୱରକୁ ସେମାନେ ବୁଝିବା ପାଇଁ କଷ୍ଟ ହୋଇଥାଏ ।
- କୌଣସି ବିଦେଶୀ ଭାଷା, ବୈଷୟିକ ଭାଷା ବା ଭାଷା ର ନୂଆ ଶୈଳୀ ସେମାନଙ୍କ ପାଇଁ ଦୁର୍ବୋଧ୍ୟ ଲାଗେ ।
- କୌଣସି ବିଷୟ ଉପରେ ଧ୍ୟାନ ଦେବା ବା ମନୋନିବେଶ କରିବାରେ ସେମାନେ କଷ୍ଟ ଅନୁଭବ କରନ୍ତି ।

## ସମ୍ଭାବ୍ୟକାରଣ:

ଯଦିଓ ଏହି ଅକ୍ଷମତାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନି, ତଥାପି ଏହାର ସମ୍ପର୍କ କାନର ବେମାର,ମେନିନଜାଇଟିସ୍ ବା କୌଣସି ବିଷାକ୍ତ ଧାତୁର ପ୍ରଭାବ ସହ ଅଛି । ଶ୍ରବଣ ପ୍ରକ୍ରିୟାକରଣ ଅକ୍ଷମତା ଏଭଳି ରୋଗୀଙ୍କ କ୍ଷେତ୍ରରେ ଦେଖାଯାଏ ଯାହାର ସ୍ନାୟୁଗତ ବେମାର ଥାଏ । ଅନ୍ୟାନ୍ୟ କାରଣ ଯଥା ଅପରିପକ୍ୱ ଶିଶୁ ଜନ୍ମ, କମ୍ ଓଜନ, ଆଘାତ ପ୍ରାପ୍ତ ମସ୍ତିଷ୍କ ଏବଂ ବଂଶଗତ ବି ହୋଇପାରେ ।

## ମୂଲ୍ୟାୟନ :

ବହୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ବୈଜ୍ଞାନିକ କୌଶଳ ଦ୍ୱାରା ଅଡିଓଲୋଜିଷ୍ଟ ମାନେ ସେମାନଙ୍କର ଶ୍ରବଣ ଶକ୍ତି ପରୀକ୍ଷା ନିରୀକ୍ଷା କରିପାରିବେ । ଅବଶ୍ୟ ୭ ବର୍ଷ ବୟସ ପର୍ଯ୍ୟନ୍ତ ଏଭଳି ପରୀକ୍ଷା କରାଯାଇ ପାରେନି, କାରଣ ଛୋଟ ଶିଶୁ ମାନେ ଠିକ୍ ଭାବେ ଉତ୍ତର ଦେଇପାରନ୍ତିନି ।

ଷଷ୍ଠଅଧ୍ୟାୟ

# ଭାଷା ପ୍ରକ୍ରିୟାକରଣ ବିଶୃଙ୍ଖଳା
# (Language Processing Disorder)

## ଭାଷା ପ୍ରକ୍ରିୟାକରଣ ଅପାରଗତା :

ଏହି ଅପାରଗ ବ୍ୟକ୍ତିମାନେ ବିଭିନ୍ନ ଧ୍ୱନି ସମୂହକୁ ନେଇ ଶବ୍ଦ ବା ବାକ୍ୟ ଗଠନ କରିବାରେ ସମର୍ଥ ହୋଇପାରନ୍ତିନି । ଶ୍ରବଣ ପକ୍ରିୟାକରଣ ବିଶୃଙ୍ଖଳା କ୍ଷେତ୍ରରେ ମସ୍ତିଷ୍କ ବିଭିନ୍ନ ଧ୍ୱନିର ପ୍ରଭାବକୁ ବୁଝିଥାଏ । କିନ୍ତୁ ଭାଷା ପ୍ରକ୍ରିୟାକରଣ ଅପାରଗତା କେବଳ ଭାଷାର ଗଠନ ପକ୍ରିୟାକୁ ପ୍ରଭାବିତ କରିଥାଏ । କଥିତ ଭାଷାକୁ ରୂପାନ୍ତର କରିବା ପ୍ରକ୍ରିୟା ଉଭୟ ଶୀଘ୍ର ଓ ପ୍ରାଞ୍ଜଳ ଭାବେ ବୁଝି ପାରିବାର ଭାଷା-ଶକ୍ତିକୁ ପ୍ରତିହତ କରେ । ଏହି ଭାଷାଜନିତ ଅପାରଗତା ବିଭିନ୍ନ କାରଣରୁ ହୋଇଥାଇପାରେ- ଯଥା ସୀମିତ 'ଶବ୍ଦସମୂହ' ଜ୍ଞାନ, ଚିନ୍ତା କରିବା ର ଶୈଳୀ, ଶୁଣିଥିବା କଥାକୁ ମନେ ରଖିବା ଓ କାର୍ଯ୍ୟକାରି କରିବାରେ ସମସ୍ୟା କିମ୍ୱା ନିଜର ଭାବନା ସମୂହକୁ ଠିକ୍ ଭାବେ ପରିଚାଳନା କରିବା ଅକ୍ଷମତା ଇତ୍ୟାଦି ।

ଉଦାହରଣ ସ୍ୱରୁପ , ଭାଷାଗତ ଶିକ୍ଷଣ ଅପାରଗ ଶିଶୁ ମାନେ କଥାବାର୍ତ୍ତା କୁ ଜାରି ରଖିବା ପାଇଁ ଉପଯୁକ୍ତ ଶବ୍ଦ ବା ଭାଷା ହଠାତ୍ ଖୋଜି ପାଇ ପାରନ୍ତିନି । ସେମାନେ କୌଣସି କଥା ବା ବିଷୟ ସମ୍ପର୍କରେ ଲେଖିବାପାଇଁ ଅସମର୍ଥ ହୁଅନ୍ତି କାରଣ ମୁଖ୍ୟ ପ୍ରସଙ୍ଗ ବା ବିଷୟ ଦିଆ ଯାଇଥିବା ଆଲେଖ୍ୟକୁ ଠିକ୍ ଭାବେ ପରିଚାଳନା କରିପାରନ୍ତି ନାହିଁ ।

## ସାଧାରଣ ଅସୁବିଧା :

**ପ୍ରକାଶ୍ୟ ଭାଷା :** ପ୍ରକାଶ୍ୟ ଭାଷା ସମସ୍ୟା ଯୁକ୍ତ ଶିଶୁ ମାନଙ୍କର ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ ଯଥା- ଶବ୍ଦ ଶିଖିବାରେ ବିଳମ୍ୱ, ଏକକ ଶବ୍ଦ ଉଚ୍ଚାରଣ କରିବାରେ ସମସ୍ୟା, ମନେପକାଇ ଶବ୍ଦ କହିବାରେ ଅସୁବିଧା, ଭୁଲ୍ ଉତ୍ତର ଦେବା, ବର୍ଣ୍ଣନାତ୍ମକ କଥା କହିବା, କଥୋପକଥନ ସମସ୍ୟା ଏବଂ ବ୍ୟାକରଣ ଜନିତ ସମସ୍ୟା । ଯେହେତୁ ଠିକ୍ ଶବ୍ଦ ମନେ ପଡ଼େନି, ଅନୁପଯୁକ୍ତ ଶବ୍ଦ ବ୍ୟବହାର କରନ୍ତି । ଜଟିଳ ବାକ୍ୟ ଗଠନକୁ ବୁଝିପାରନ୍ତିନି ଏବଂ ପ୍ରଶ୍ନର ଉତ୍ତର ଦେବା ପାଇଁ ଅସମର୍ଥ ହୁଅନ୍ତି ।

## ଦୁର୍ବୋଧ ସାଙ୍କେତିକ ଭାଷା :

- ଏହିଭଳି ଶିଶୁ, ଶବ୍ଦର ପ୍ରଭାବକୁ ବୁଝିପାରେନି । ଭାବନା ଓ ଧାରଣା ସହ ସଂଯୋଗ କରି ସେ କ୍ରମାନ୍ୱୟରେ ଭାଷା ବୁଝିପାରେନି ବା ଏହି ଶବ୍ଦ ପ୍ରକ୍ରିୟାକରଣରେ ଅସୁବିଧା ହୋଇଥାଏ ।
- ମସ୍ତିଷ୍କ ଗ୍ରହଣ କରୁଥିବା ସୂଚନା ସବୁ ଠିକ୍ ଭାବେ ପ୍ରକ୍ରିୟାକରଣ ହୋଇପାରେ ନାହିଁ । ସେଥିପାଇଁ ଅତିରିକ୍ତ ସମୟ ଦରକାର ପଡିଥାଏ ।
- କୌଣସି କଥାକୁ ଇଙ୍ଗିତରେ ବୁଝିପାରେନି ।
- ଥଟାମଜା କଥା ବୁଝିପାରେନି ଏବଂ ଖାଲି କଥାରେ ହସୁଥାଏ ।ଏକ ଗୋଷ୍ଠୀରେ କାମ କରିବାରେ ଶିଶୁଟିକୁ ଅସୁବିଧା ହୁଏ ।
- କୌଣସି ନିର୍ଦ୍ଦେଶ ମାନିବାରେ ଏବଂ ଫଳାଫଳ ଦେବାରେ ବିଫଳ ହୋଇଥାଏ ।
- କଥାବାର୍ତ୍ତା କଲାବେଳେ କାରଣ ନଥାଇ ଦୀର୍ଘ ସମୟ ଧରି ନିରବ ରହିଥାଏ । କୌଣସି ପ୍ରଶ୍ନ ବା ଅନୁସଂଧାନକୁ ଭୁଲ୍‌ଭାବେ ବୁଝିଥାଏ ଏବଂ ଭୁଲ୍ ଉତ୍ତର ଦେଇଥାଏ ।

## ଶବ୍ଦ ଓ ଭାଷା ବୁଝିବା ଅପାରଗତା :

ଏକଥା ଦେଖାଯାଇଛି ଯେ ବିନା ଶବ୍ଦ ବା ଭାଷାରେ ଶତକଡା ପ୍ରାୟ ୬୫% ସୂଚନାର ଆଦାନ ପ୍ରଦାନ ହୋଇଥାଏ । ଏଭଳି ଅପାରଗତା ସାମାଜିକ ଦକ୍ଷତା, କଥା ପ୍ରକାଶ କରିବାର କ୍ଷମତା ଓ ଶରୀର ଅଂଗଭଂଗୀକୁ ପ୍ରଭାବିତ କରିଥାଏ । ସାଧାରଣତଃ ବୁଝାଯାଏ ଯେ ଶିଶୁଟିର କଥା କହିବାରେ ଅସାମର୍ଥ୍ୟ ଅଛି, କିନ୍ତୁ ପ୍ରକୃତରେ କୌଣସି ଶବ୍ଦ ସଂକେତ ବା ବ୍ୟବହାରକୁ ସେ ଭାବରେ ରୂପାନ୍ତରିତ କରିବାରେ ବିଫଳ ହୁଏ । ଏହିଭଳି ଅପାରଗ ଶିଶୁମାନେ ବେଳେବେଳେ ଭଲ କହିପାରନ୍ତି ଓ ଲେଖିପାରନ୍ତି, କିନ୍ତୁ ଇଙ୍ଗିତରେ, ସାଙ୍କେତିକ ଭାଷାରେ ବିଭିନ୍ନ ଭାବାତ୍ମକ କଥା ବୁଝିବା ପାଇଁ ସେମାନଙ୍କୁ ବହୁତ କଷ୍ଟ କରିବାକୁ ପଡେ ।

## ଲକ୍ଷଣାବଳୀ :

- ଏଭଳି ଅପାରଗ ଶିଶୁମାନେ ମୁହଁର ବା ଦେହର ଅଂଗଭଂଗି ଏବଂ ସ୍ୱର ଶବ୍ଦକୁ ବୁଝିବାରେ ଅସୁବିଧା ଅନୁଭବ କରନ୍ତି । ତେଣୁ ସେମାନେ ବଂଧୁ ଟିଏ ତିଆରି କରିପାରନ୍ତିନି କି ସାଙ୍ଗ ମାନଙ୍କ ସହ ସମ୍ପର୍କ ରଖିପାରନ୍ତି ନାହିଁ ।
- 'ଜୀବନ କୌଶଳ ଶିକ୍ଷା' ସଂପର୍କରେ ଏହିଭଳି ଅପାରଗ ବ୍ୟକ୍ତିମାନଙ୍କର ପ୍ରାୟ ଧାରଣା ନଥାଏ । କାରଣ ସେମାନେ ବିଭିନ୍ନ ଅଂଶବିଶେଷ ମିଶାଇଲେ ଯେ ଏକ ସଂପୂର୍ଣ୍ଣ ଆକାର ହୁଏ, ବୁଝିପାରନ୍ତିନି । ସେହିଭଳି ଖଣ୍ଡ ଖଣ୍ଡ ହୋଇ କଟା ହୋଇଥିବା ଛବି ଅଂଶ ଗୁଡ଼ିକୁ

ମିଶାଇ ଗୋଟିଏ ସଂପୂର୍ଣ୍ଣ ଛବି କରିପାରନ୍ତିନି । ଛୋଟ ଛୋଟ ଖେଳନା ଖଣ୍ଡକୁ ସଜାଇ କୌଣସି ଖେଳନାର ଆକାର ତିଆରି କରି ପାରନ୍ତିନାହିଁ । ରାସ୍ତାବି ଭୁଲିଯାନ୍ତି କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ପାଇଁ ।

- ଆଙ୍ଗୁଠି ଗୁଡିକୁ ଠିକ୍ ଭାବରେ ସ୍ଥାନିତ କରିପାରନ୍ତିନି ଯଦ୍ୱାରା ହସ୍ତାକ୍ଷର ସୁନ୍ଦର ହୋଇପାରେନା । ସେହିପରି ଜୋତା ଫିତା ବି ବାନ୍ଧିପାରନ୍ତିନି ଏବଂ ଛୋଟ ଛୋଟ ଯନ୍ତ୍ରପାତି ବା ବାସନା କୁସନକୁ ଠିକ୍ ଭାବେ ପରିଚାଳନା କରିପାରନ୍ତିନି ।
- କୌଣସି କାର୍ଯ୍ୟ ଠିକ୍ ଭାବେ ନିର୍ବାହ କରିପାରନ୍ତି ନାହିଁ ବା ଧାରାବାହିକ ଭାବେ କରିବାପାଇଁ ଧୈର୍ଯ୍ୟ ନଥାଏ । ନୂଆ କାମ, ସମସ୍ୟାର ସମାଧାନ ଏବଂ ନୂଆ ଚିନ୍ତାଧାରାର କାର୍ଯ୍ୟାନ୍ୱୟନ କରିପାରନ୍ତି ନାହିଁ । ଏକାଗ୍ରତାରେ ଅଭାବ, ଅନେକ ନିର୍ଦ୍ଦେଶାବଳୀ ଥିବା କାମକୁ ସଂପୂର୍ଣ୍ଣ କରିବାରେ ସମସ୍ୟା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ ।
- କୌଣସି ବିଷୟକୁ ପଢି ବୁଝିବାରେ କିମ୍ୱା ଗାଣିତିକ ସମସ୍ୟାକୁ ସମାଧାନ କରିବାରେ କଷ୍ଟ ଅନୁଭବ କରନ୍ତି ।
- ଅନେକ ସମୟରେ ସେମାନେ ଶାରୀରିକ ସନ୍ତୁଳନ ରଖିପାରନ୍ତି ନାହିଁ ଏବଂ ଝୁଣ୍ଟିପଡି ସାମ୍ନାରେ ଥିବା ବସ୍ତୁ କିମ୍ୱା ମଣିଷଙ୍କ ଉପରେ ପଡିଯା'ନ୍ତି ।
- କୌଣସି ଉପମା ବା କାଳ୍ପନିକ ଧାରଣାକୁ ବୁଝିପାରନ୍ତିନି ଓ କେବଳ ଦୃଶ୍ୟମାନ ବସ୍ତୁକୁ ଗ୍ରହଣ କରନ୍ତି ।



## ସପ୍ତମ ଅଧ୍ୟାୟ

# ଦୃଷ୍ଟିଶକ୍ତି ଚଳନତା ଓ ବୋଧଗମ୍ୟତା ସମସ୍ୟା

ଦୃଷ୍ଟିଶକ୍ତି ଚଳନତା ଓ ବୋଧଗମ୍ୟତାରେ ଅଭାବ ଥିବା ବ୍ୟକ୍ତିମାନଙ୍କର ଆଖି ଓ ହାତ ମଧ୍ୟରେ ସମନ୍ୱୟ ରହିପାରେନା । ପଢ଼ିଲାବେଳେ ସେମାନଙ୍କର ଧ୍ୟାନ କେନ୍ଦ୍ରିତ ହୋଇପାରେନାହିଁ । ପେନ୍‌ସିଲ୍, ରଂଗ ପେନ୍‌ସିଲ୍, ଅଠା, କଇଁଚି ବ୍ୟବହାର କରି କୌଣସି ଛବି ବା ପ୍ରକଳ୍ପ କାମ କରିପାରନ୍ତିନି । ଏକା ଭଳି ଦିଶୁଥିବା ଅକ୍ଷର ମଧ୍ୟରେ ପ୍ରଭେଦ ଜାଣିବାରେ କଷ୍ଟହୁଏ ଏବଂ ସେମାନଙ୍କ ଚାରିପାଖେ ଥିବା ପରିବେଶକୁ ଆଖି ବୁଲାଇ ବୁଝିବାରେ ଅସୁବିଧା ହୋଇଥାଏ । ଏହି ସମସ୍ୟା ଯୋଗୁଁ ଜଣେ ବ୍ୟକ୍ତି ଯାହା ଦେଖେ ତା'ର ସୂଚନାକୁ ଠିକ୍ ଭାବେ ବୁଝିବାର ଦକ୍ଷତା ନଥାଏ । ଯେହେତୁ ତା'ର ଦେଖିବାର ଧାରାରେ ସମସ୍ୟା ଥାଏ, ଆଖିଦ୍ୱାରା ଗ୍ରହଣ ହୋଇଥିବା ତଥ୍ୟକୁ ଠିକ୍ ଭାବେ ସେ ବୁଝିପାରେନି । ଏହିଭଳି ଶିଶୁମାନଙ୍କର ଦେଖିବାରେ ଅକ୍ଷମତା ଯୋଗୁଁ ପଢ଼ିବାର ଦକ୍ଷତା ବହୁତ ସୀମିତ ହୋଇ ଯାଏ । ଏକାଗ୍ରତାର ଅଭାବ ପରିଲକ୍ଷିତ ହୁଏ ଏବଂ ତଦ୍ୱାରା କୌଣସି ସୂଚନାକୁ ମନେ ରଖିପାରନ୍ତିନି କି ବୁଝିପାରନ୍ତିନି ।

ଏହି ପରିପ୍ରେକ୍ଷୀରେ ମସ୍ତିଷ୍କ 'ଦେଖିଥିବା ତଥ୍ୟ'ର ବିଭିନ୍ନ ଉପାୟରେ ପ୍ରକ୍ରିୟାକରଣ କରିଥାଏ ଏବଂ ଏଥିରେ ଅପାରଗ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସାମ୍ନା ହୁଅନ୍ତି ।

## ବିଭାଗୀକରଣ:

### ଦୃଷ୍ଟି ଦ୍ୱାରା ପ୍ରଭେଦ ଜାଣିବା :

ଏକଥା ବଡ ଗୁରୁତ୍ୱପୂର୍ଣ୍ଣ ଯେ ଦୁଇଟି ପଦାର୍ଥ ମଧ୍ୟରେ ପ୍ରଭେଦ ଜାଣିବା ପାଇଁ ଜଣେ ବ୍ୟକ୍ତି ତା'ର ଆଖି ଦ୍ୱାରା କେତେଦୂର ଚିହ୍ନିପାରୁଛି ଏବଂ ଠିକ୍ ଭାବେ ତୁଳନା କରୁଛି । ଏହିଭଳି ଅକ୍ଷମତା ଥିବା ବ୍ୟକ୍ତି ଦୁଇଟି ଏକାଭଳି ଦିଶୁଥିବା ଅକ୍ଷର, ବସ୍ତୁ କିମ୍ବା ପଦ୍ଧତି ମଧ୍ୟରେ ପ୍ରକୃତ ପ୍ରଭେଦକୁ ଜାଣିବାପାଇଁ କଷ୍ଟ ଅନୁଭବ କରେ ।

### ଅନେକ ଭିତରେ ଏକକକୁ ଚିହ୍ନିବା :

ଏଭଳି ଅକ୍ଷମତା ଥିବା ବ୍ୟକ୍ତି ତା'ର ପାରିପାର୍ଶ୍ୱିକ ପରିସ୍ଥିତିରେ ନିଜକୁ ଦେଖି ଚିହ୍ନିବାରେ ଦ୍ୱନ୍ଦ ଉପୁଜିଥାଏ । ଏହି ଶ୍ରେଣୀର ବିଦ୍ୟାର୍ଥୀ ଗୋଟିଏ ଅକ୍ଷର, ଶବ୍ଦପୂର୍ଣ୍ଣ କାଗଜ ଭିତରୁ ଏବଂ ଗୋଟିଏ ଆବଶ୍ୟକୀୟ ଶବ୍ଦ ବା ସୂଚନା ଖୋଜି ପାଇ ପାରିବେନି । ଠିକ୍ ସେହିଭଳି ଅନେକ ଦୃଷ୍ଟି ଆକର୍ଷଣ କରୁଥିବା ପରିବେଶ ଭିତରୁ ସେ ଖୋଜୁଥିବା ବ୍ୟକ୍ତି ବା ଚେହରାକୁ ଦେଖିପାରେନି ।

## ଦୃଷ୍ଟି କ୍ରମାନ୍ୱୟତା:

ବିଭିନ୍ନ ସାଙ୍କେତିକ, ଶବ୍ଦ ଏବଂ ଛବି ଭିତରେ ପ୍ରଭେଦକୁ ଜାଣିବା ପାଇଁ ଦକ୍ଷତା ଦରକାର । ଏଭଳି ଅକ୍ଷମତା ଥିବା ଶିଶୁମାନେ ପଢିଲାବେଳେ ନିଜର ଦୃଷ୍ଟିକୁ ଠିକ୍ ଜାଗାରେ ସ୍ଥିର ଭାବେ ରଖିପାରନ୍ତି ନାହିଁ । ତେଣୁ ସେ ଧାଡ଼ିଗୁଡ଼ିକୁ କ୍ରମାନ୍ୱୟରେ ପଢ଼ିପାରେନାହିଁ କିମ୍ବା ଗୋଟିଏ ଧାଡିକୁ ବାରମ୍ବାର ପଢ଼ିଥାଏ । ପରୀକ୍ଷାରେ ଅତିରିକ୍ତ କାଗଜ ଆଣି ତାକୁ ବ୍ୟବହାର କରିବା ଏକ ସମସ୍ୟା ହୋଇଥାଏ । ଅନେକ ଶବ୍ଦ ଓ ଅକ୍ଷରକୁ ଭୁଲ୍ ଭାବେ ପଢିଥାଏ ଏବଂ ଗାଣିତିକ ସୂତ୍ର ବୁଝିବାପାଇଁ ବିଦ୍ୟାର୍ଥୀକୁ ବହୁକଷ୍ଟ ହୋଇଥାଏ ।

## ଦୃଷ୍ଟିଚାଳନା ପ୍ରକ୍ରିୟାକରଣ :

ଆଖି **'ଗ୍ରହଣ କରିଥିବା ସୂଚନା'**କୁ ଶରୀରର ଅନ୍ୟାନ୍ୟ ଅଂଶ ସହ ସମନ୍ୱୟ ରକ୍ଷାକରି ବାର୍ତ୍ତା ପ୍ରେରଣ କରିଥାଏ । ଦୁଇଟି ଧାଡି ମଧ୍ୟରେ ଖାଲି ସ୍ଥାନ ଉପରେ ଦୃଷ୍ଟି ପ୍ରାୟ ପଡ଼ିନଥାଏ । ତେଣୁ କ୍ଲାସ୍ ରୁମ୍ ବୋର୍ଡ଼ରେ ଲେଖାହୋଇଥିବା ପାଠକୁ ସେ ନକଲ କରିପାରେନା । ଠିକ୍ ସେହିଭଳି ଖେଳରେ ଥିବା ନିର୍ଦ୍ଦିଷ୍ଟ ସମୟ ଓ କ୍ଷେତ୍ର କଥା ସେ ବୁଝିପାରେନି ।

## ଦେଖିଥିବା ବସ୍ତୁ ବା କଥାକୁ ମନେ ରଖିବା ଅପାରଗତା :

ଏଭଳି ସମସ୍ୟାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ଅନେକ ବର୍ଷ ବା ସମୟ ତଳେ ଘଟିଥିବା ଘଟଣାକୁ ମନେ ପକାଇବା ଓ ଦ୍ୱିତୀୟତଃ ନିକଟରେ ଘଟିଥିବା ଘଟଣାକୁ ମନେପକେଇପାରିବାର ଦକ୍ଷତା ନଥାଏ । ଏଭଳି ବ୍ୟକ୍ତି ସାଧାରଣ ଶବ୍ଦକୁ ମନେପକାଇ ପାରନ୍ତିନ । ଠିକ୍ ଉଚ୍ଚାରଣ କରିପାରନ୍ତିନି । ପଢିବା ଓ କମ୍ପ୍ୟୁଟର 'କିବୋର୍ଡ଼' ରେ ଟାଇପ୍ କରିବା ପାଇଁ ବି କଷ୍ଟ ହୋଇଥାଏ ।

## ଦୃଶ୍ୟାଦୃଶ୍ୟ:

ସେମାନେ କୌଣସି ବସ୍ତୁ, ମଣିଷ ବା ପଶୁକୁ ସଂପୂର୍ଣ୍ଣ ଦେଖିଲେ ଚିହ୍ନିପାରନ୍ତିନ । ଆଂଶିକ ଦୃଶ୍ୟକୁ ଦେଖି ଦ୍ୱନ୍ଦରେ ପଡନ୍ତି । ଉଦାହରଣ ସ୍ୱରୁପ ଗୋଟିଏ ହାତୀର ଶୁଣ୍ଢକୁ ନ ଦେଖାଇ ବାକି ଅଂଶ ଦେଖାଇଲେ ବି ହାତୀ ବୋଲି ଚିହ୍ନଟ କରିପାରନ୍ତି ନାହିଁ ।

ଏହି ଅପାରଗତା ବ୍ୟକ୍ତି ମାନଙ୍କର ନିଜ ସହିତ ସଂପୃକ୍ତ ଅଂଚଳର ସଂପର୍କ ଜାଣିପାରନ୍ତିନି । ଏହିଭଳି ସମସ୍ୟାରେ ଗୋଟିଏ ଜାଗାରୁ ଅନ୍ୟ ଗୋଟିଏ ଜାଗାକୁ ରାସ୍ତା ଖୋଜି ଯାଇ ପାରନ୍ତିନି । ସ୍ଥାନ,କାଳ ଓ ପାତ୍ର ନିରୂପଣ କରିବା ସେମାନଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ।

**ଲକ୍ଷଣାବଳୀ :**

- ଏଭଳି ଅକ୍ଷମତା ଥିବା ବିଦ୍ୟାର୍ଥୀ ମାନେ ଶବ୍ଦ ଛାପିବାରେ, ନକଲ କରିବାରେ କିମ୍ବା ଜୋତା ଫିତା ବାନ୍ଧିବାରେ ବି କଷ୍ଟ ଅନୁଭବ କରନ୍ତି ।
- କୌଣସି କଥା ଲେଖି ପ୍ରକାଶ କରିବାପାଇଁ ଏତେ କଷ୍ଟପାଏ ଯେ ପେନ୍ କିମ୍ବା ପେନ୍‌ସିଲ୍‌କୁ ଆଂଗୁଠିରେ ଅନେକ ସମୟ ମାଡ଼ି ଧରିବା ଫଳରେ କ୍ଳାନ୍ତି ଅନୁଭବ କରେ ।
- ଦେହର ଗତି ଓ ତାଳକୁ ଠିକ୍ ଭାବେ ନିୟନ୍ତ୍ରଣ କରି ପାରେନି ଏବଂ ନିଜକୁ ସଜେଇ ପ୍ରସ୍ତୁତ ହେବାପାଇଁ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିଥାଏ । ଏପରିକି ଡାହାଣ ଓ ବାମ ପାର୍ଶ୍ୱ ଭିତରେ ତଫାତ୍ ବୁଝିପାରେନି ।
- ଏକାଭଳି ଦିଶୁଥିବା ଅକ୍ଷର ଯଥା p ଓ q କିମ୍ବା m ଓ w ଭିତରେ ପ୍ରଭେଦ ଜାଣିବାପାଇଁ ଏଭଳି ବ୍ୟକ୍ତିଙ୍କର ଦ୍ୱନ୍ଦ ହୋଇଥାଏ ।
- ନିଜ ବିଦ୍ୟାଳୟ ଭିତରେ କିମ୍ବା ପରିସରରେ ବାଟ ଭୁଲିଯା'ନ୍ତି ।
- ପଢିଲାବେଳେ କାଗଜଟିକୁ ଭୁଲ୍ ଭାବେ ଧରନ୍ତି କିମ୍ବା ନିଜ ମୁଣ୍ଡକୁ ଅସ୍ୱାଭାବିକ ଭାବେ ନୁଆଁଇ ପଢିବାକୁ ଚେଷ୍ଟା କରନ୍ତି ଏବଂ ପଢିବା ସମୟରେ ଗୋଟିଏ ଆଖିକୁ ବନ୍ଦକରି ଅନ୍ୟଟିରେ ପଢ଼ନ୍ତି ।
- ପଢିଲାବେଳେ ଅନ୍ୟମନସ୍କ ହୋଇ ଠିକ୍ ସ୍ଥାନ କୁ ଭୁଲିଯା'ନ୍ତି ।
- କୌଣସି ଶବ୍ଦକୁ ଆଂଶିକ ଭାବେ ଦେଖିଲେ ପୂରା ଶବ୍ଦ ବିଷୟରେ କିଛିବି ଧାରଣା ସୃଷ୍ଟି କରିପାରନ୍ତିନି ବା ଶବ୍ଦ ଚିହ୍ନି ପାରନ୍ତିନି ।
- କୌଣସି ଛବି ବା ଶବ୍ଦକୁ ଗୋଟିଏ ଜାଗାରୁ କାଟି ବା କାଢି ଅନ୍ୟ ଏକ ଜାଗାରେ ଲେଖିବାରେ ବା ଲଗେଇବାରେ ଅସମର୍ଥ ହୁଅନ୍ତି ।
- କାଗଜରେ ଲେଖିଲାବେଳେ ଅକ୍ଷର, ଦିଗ ଓ ସ୍ଥାନକୁ ଠିକ୍ ଭାବେ ପରିଚାଳନା ସେମାନେ କରିପାରନ୍ତି ନାହିଁ । ଅକ୍ଷରକୁ ଭୁଲ୍ ଲେଖିବା, ଅସମାନ ଜାଗା ଛାଡିବା ଏବଂ ଅସଜଡ଼ା ଶବ୍ଦ ବ୍ୟବହାର କରିବା ଏଭଳି ଅପାରଗତା ଥିବା ବ୍ୟକ୍ତି ମାନଙ୍କର ଗୁରୁତ୍ୱପୂର୍ଣ ଲକ୍ଷଣ ।



## ଅଷ୍ଟମ ଅଧ୍ୟାୟ

# ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସହ ଆନୁସଂଗିକ ବ୍ୟାଧି

### ଶିକ୍ଷଣ ଅକ୍ଷମତା ଥିବା ଶିଶୁମାନଙ୍କର 'ଆନୁସଂଗିକ ବ୍ୟାଧି':


ଶିକ୍ଷଣ ଅକ୍ଷମତା ସହ ସାଧାରଣତଃ ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗର ସମ୍ପର୍କ ଥାଏ । ତନ୍ମଧ୍ୟରୁ ବିଦ୍ୟାଳୟ ଯାଉଥିବା ବିଦ୍ୟାର୍ଥୀ ମାନେ ସବୁଠାରୁ ବେଶି 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା'ରେ ପ୍ରଭାବିତ ହୋଇଥାନ୍ତି । ଆମେରିକା ମନସ୍ତତ୍ୱବିତ୍ ସଂଘ ଅନୁସାରେ ବିଭିନ୍ନ ଭାଷାଭାଷୀ ଓ ସଂସ୍କୃତି ସଂପର୍ଣ୍ଣ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରୁ ପ୍ରାୟ ଶତକଡା ୫ ରୁ ୧୫ ଭାଗ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' ଦ୍ୱାରା ପ୍ରଭାବିତ ।

'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା'ପ୍ରାୟତଃ ଅନ୍ୟାନ୍ୟ ସ୍ନାୟୁବିକାଶ ଜନିତ ଏବଂ ମାନସିକ ଅସ୍ୱାଭାବିକତା ସମସ୍ୟା ସହଲକ୍ଷ୍ୟ କରାଯାଏ । ଏହି ଅକ୍ଷମ ଶିଶୁମାନଙ୍କର ବାହ୍ୟ ଏବଂ ଆଭ୍ୟନ୍ତରୀଣ ମାନସିକ ସମସ୍ୟା ଥାଏ ବୋଲି ଅନେକ ଗବେଷଣାରୁ ଜଣାପଡେ । ପଠନ ଅକ୍ଷମତା ସହ 'ଧ୍ୟାନ ଅଭାବ ଓ ଅସ୍ଥିରତା (ADHD) ସମସ୍ୟା'ର ସଂପର୍କ ଅଛି ଯାହା ବାହ୍ୟ ମନସ୍ତାତ୍ତ୍ୱିକ ସମସ୍ୟାସହ ଜଡିତ ଥାଏ । ଆଧୁନିକ ଗବେଷଣାରୁ ଜଣାପଡେ ଯେ ଆଭ୍ୟନ୍ତରୀଣ ଲକ୍ଷଣ ସହ ଚିନ୍ତା ଏବଂ ମାନସିକ ବିଷାଦ ସବୁଠାରୁ ବେଶି ଗୁରୁତ୍ୱ ବହନ କରିଥାଏ। ଏହିଭଳି ' **ଆନୁସଂଗିକ ମାନସିକ ବ୍ୟାଧି**'ସହ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସବୁ ସେଇ 'କେନ୍ଦ୍ରୀୟ ପ୍ରକ୍ରିୟାକରଣ ସମସ୍ୟା'ରୁ ଜନ୍ମ ନେଇଥାଏ । ନିଜର ହତାଶା ଭାବ ଏବଂ ଶୈକ୍ଷିକ ଅପାରଗତା ଏହିଭଳି ଅକ୍ଷମତାରୁ ହିଁ ସୃଷ୍ଟି ହୋଇଥାଏ । ଏହିସବୁ ସମସ୍ୟାର ଚକ୍ରବ୍ୟୁହ ଗୋଟିଏ ଶିଶୁ/ବିଦ୍ୟାର୍ଥୀକୁ ଏକ ଶୋଚନୀୟ ସ୍ତରକୁ ନେଇଯାଏ ଯାହା ବୋଧଶକ୍ତି ଏବଂ ସାମାଜିକ ଆବେଗିକ କ୍ଷମତା ପାଇଁ ବାଧା ସୃଷ୍ଟି କରିଥାଏ ।

### ବହୁବିଧ ସମସ୍ୟାର ସମାହାର:

ବହୁ ପୂର୍ବରୁ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା'କୁ କେବଳ ଶୈକ୍ଷିକ ସମସ୍ୟା ଭାବେ ଅଭିହିତ କରାଯାଉଥିଲା । ଏବେ ଏହା ବହୁବିଧ ସମସ୍ୟାର ସମାହାର । ଯଥା- ପଢିବା ଏବଂ ପାଠ୍ୟବସ୍ତୁକୁ ଗ୍ରହଣ କରିବାର ଅକ୍ଷମତା କିମ୍ବା ଡିସ୍‌ଲେକ୍ସିଆ, ଲିଖନ ଅପାରଗତା ବା ଡ଼ିସ୍‌ଗ୍ରାଫିଆ, ଗାଣିତିକ ବା ହିସାବ କିତାବ ଅପାରଗତା ବା ଡ଼ିସ୍‌କାଲ୍‌କୁଲିଆ । କିନ୍ତୁ ଏମାନଙ୍କର ସୁସ୍ଥ ଇନ୍ଦ୍ରିୟ, ସାଧାରଣ ବୁଦ୍ଧିମତା, ଉପଯୁକ୍ତ ଆଗ୍ରହ ଏବଂ ଯଥେଷ୍ଟ ସାମାଜିକ- ସାଂସ୍କୃତିକ ସୁଯୋଗ ଉପଲବ୍ଧ ହେବା ସତ୍ତ୍ୱେ ବି ଏଭଳି ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଦେଖାଯାଏ । ପଢିବା ସମସ୍ୟା, ଗାଣିତିକ ସମସ୍ୟା ଏବଂ ଲେଖିବାରେ ଅପାରଗତା

କେବଳ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' କୁ ହିଁ ବୁଝାଇଥାଏ । ଏହାର ମୁଖ୍ୟ କାରଣ ବଂଶଗତ, ଜନ୍ମଗତ, ସ୍ନାୟୁଗତ ବା ଆଘାତ ପ୍ରାପ୍ତ ମସ୍ତିଷ୍କ, ଆନୁସଂଗିକ ସମସ୍ୟା ଏବଂ ପରିବେଶ ଜନିତ ହୋଇପାରେ । ଡିସ୍‌ଲେକ୍ସିଆ ବା ପଠନ ଅକ୍ଷମତାର ଚରିତ୍ର ହେଉଛି ଶବ୍ଦକୁ ଠିକ୍ ଭାବେ ଚିହ୍ନି ନପାରିବା, ଭୁଲ୍ ଉଚ୍ଚାରଣ ଏବଂ ଶବ୍ଦକୁ ଭାବ ବା ସଙ୍କେତରେ ରୂପାନ୍ତରୀକରଣରେ ଅସୁବିଧା ଇତ୍ୟାଦି । ଡ଼ିସ୍‌ଗ୍ରାଫିଆ ବା ଲିଖନ ଅପାରଗତା ପରିପ୍ରେକ୍ଷୀରେ ନିକୃଷ୍ଟ ହସ୍ତାକ୍ଷର, ଭୁଲ୍ ଶବ୍ଦ ବନାନ, ବ୍ୟାକରଣ ପ୍ରୟୋଗ ଓ ଉପସର୍ଗ ବ୍ୟବହାରରେ ଅପାରଗତାକୁ ବୁଝାଏ । ଠିକ୍ ସେହିଭଳି ଗାଣିତିକ ବା ହିସାବ କିତାବ ସମସ୍ୟା ବିଭିନ୍ନ କ୍ଷେତ୍ର ଯଥା ଗାଣିତିକ ସମସ୍ୟା ସମାଧାନ କରିବାରେ ଅସୁବିଧା, ଆଗରୁ ଶିଖିଥିବା ଗାଣିତିକ ସୂତ୍ରକୁ ମନେ ପକେଇବାରେ ବିଫଳତା ଇତ୍ୟାଦିରୁ ଜନ୍ମ ନେଇଥାଏ । ଭାଷା ପ୍ରକ୍ରିୟାକରଣ ସମସ୍ୟା ପ୍ରକାଶ୍ୟ ଏବଂ ସାଙ୍କେତିକ ଭାଷା କ୍ଷେତ୍ରରେ ଦେଖାଯାଏ । ମୁହଁ ଭଙ୍ଗୀ ବା ଅନ୍ୟାନ୍ୟ ଭାବଭଙ୍ଗୀ ଦ୍ୱାରା ପ୍ରକାଶ କରାଯାଉଥିବା ଭାଷା ବୁଝିପାରେ ଅସାମର୍ଥ୍ୟ ବି ଶିକ୍ଷଣ ଅକ୍ଷମତାର ଏକ ଅଂଶବିଶେଷ । ଦୃଷ୍ଟି ପ୍ରକ୍ରିୟାକରଣ ଅସୁବିଧା ଦ୍ୱାରା ଛବି କରିବା, ନକଲ କରିବା, ବିଭିନ୍ନ ଆକାର ଓ ଆକୃତି ଭିତରେ ପାର୍ଥକ୍ୟକୁ ବୁଝିନପାରିବା ଏବଂ ଅକ୍ଷରକୁ ସଠିକ୍ ଭାବେ ଚିହ୍ନି ନପାରିବାରେ ବି ସମସ୍ୟା ଉପୁଜାଇଥାଏ । ଏହି ଅକ୍ଷମତା କୁ କମ୍ କରିବାପାଇଁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ନେବା ବାଞ୍ଛଂନୀୟ ।



## ନବମ ଅଧ୍ୟାୟ

# ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ଆହ୍ୱାନ କୁ ପ୍ରତିହତ କରିବାପାଇଁ ଉପାୟ

ଆଗରୁ ଆମେ ଜାଣିଛେ ଯେ ଶିଶୁମାନେ ବିଭିନ୍ନ ପ୍ରକାର ଶିକ୍ଷଣ ଅକ୍ଷମତା ଯେପରି ପଢିବାରେ ଅସୁବିଧା ବା ଡିସ୍‌ଲେକ୍ସିଆ, ଗାଣିତିକ ବା ହିସାବ ଜନିତ ସମସ୍ୟା ବା ଡିସ୍‌କାଲ୍‌କୁଲିଆ, ଚଳନକ୍ଷମତାରେ ସମସ୍ୟା ବା ଡ଼ିସ୍‌ପ୍ରାକ୍ସିଆ, ଶବ୍ଦକୁ ବୁଝିବାରେ ଅସୁବିଧା ବା (Auditory Processing Disorder ) ଏବଂ ଦେଖୁଥିବା ଦୃଶ୍ୟ ସବୁ ବୁଝିବାରେ ସମସ୍ୟା ବା (Visual Processing Disorder ) ଇତ୍ୟାଦି ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଏସବୁ ଅକ୍ଷମତା ପାଇଁ ଅନେକ ସମ୍ଭାବ୍ୟ କାରଣ ବି ଆଲୋଚନା ହୋଇଯାଇଛି । ଗବେଷଣାରୁ ଜଣାପଡେ ଯେ କାରଣ ବଂଶଗତ, ସ୍ନାୟୁଗତ, ଅପରିପକ୍ୱ ଜନ୍ମ, ସୁଷମ ଖାଦ୍ୟର ଅଭାବ ବା ପରିପାର୍ଶ୍ୱିକ ସମସ୍ୟା ହୋଇପାରେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଯେ ଏଭଳି ଶିଶୁମାନଙ୍କର ବୁଦ୍ଧି ସାଧାରଣରୁ ଅସାଧାରଣ ସ୍ତର ପର୍ଯ୍ୟନ୍ତ ଥାଇପାରେ । ତେଣୁ ଏମାନେ ଅକ୍ଷମ ନୁହଁନ୍ତି -କେବଳ ଶିକ୍ଷା କ୍ଷେତ୍ରରେ ଅସୁବିଧା ଅନୁଭବ କରନ୍ତି । ଏକଥା ସତ୍ୟ ଯେ ଶିକ୍ଷଣ ଅକ୍ଷମତା ସଂପୂର୍ଣ୍ଣ ଭାବେ ନିରାକରଣ କରାଯାଇ ପାରିବନି । କିନ୍ତୁ ଅନେକ ଉପାୟ ଦ୍ୱାରା ଶିକ୍ଷଣ ଅକ୍ଷମତାର ସମସ୍ୟାକୁ ସୁପରିଚାଳନା କରାଯାଇପାରିବ ।

## ଶିକ୍ଷଣ ଶୈଳୀ ଚିହ୍ନଟ :

ବିଦ୍ୟାର୍ଥୀ ମାନଙ୍କର ଶିଖିବା ଶୈଳୀ ଅଲଗା ଅଲଗା ଥାଇପାରେ । ତେଣୁ କାହାର ଶୈଳୀ କ'ଣ ତାହା ଚିହ୍ନଟ କରିବାକୁ ପଡିବ ।

## ଶୃତି ଶୈଳୀ:

କିଛି ଶିଶୁ ଶବ୍ଦ, ସଂଗୀତ ବା ଅଡ଼ିଓ ଟେପ୍ ଶୁଣି ବହୁତ ଭଲ ଭାବେ ମନେ ରଖିପାରନ୍ତି ।

## ଗତିଭିତ୍ତିକ ଶୈଳୀ:

କିଛି ବିଦ୍ୟାର୍ଥୀ ଗତିଭିତ୍ତିକ ପ୍ରକ୍ରିୟା ଯେମିତି କଳା ଓ କାରିଗରି,ଖେଳ କସରତ ଇତ୍ୟାଦି ମାଧ୍ୟମରେ ଶିଖିବାକୁ ଭଲ ପାଆନ୍ତି ।

## ଦୃଶ୍ୟଭିତ୍ତିକ ଶୈଳୀ :

ଅନେକ ଶିଶୁ ଦୃଶ୍ୟଭିତ୍ତିକ ପାଠ୍ୟଉପକରଣ ଯେପରି ଚିତ୍ର, ବଡ ଅକ୍ଷରରେ ଲେଖା, ଭିଡ଼ିଓ କିମ୍ବା ଛବି ଦ୍ୱାରା ବେଶି ବୁଝିବାକୁ ସକ୍ଷମ ହୁଅନ୍ତି ।

## ଉପଯୁକ୍ତ ଚିକିତ୍ସା ପଦ୍ଧତି :

ଜଣେ 'ଅକୁପେସନାଲ ଥେରାପିଷ୍ଟ୍' ଚଳନ ଅକ୍ଷମତା ଦ୍ୱାରା ଆକ୍ରାନ୍ତ ହୋଇଥିବା ଶିଶୁମାନଙ୍କୁ ଉପଯୁକ୍ତ ଚିକିତ୍ସା କରିପାରିବେ । ସେହିଭଳି ଜଣେ ଭାଷା, ପଢିବା ବା ବୁଝିବାରେ ସମସ୍ୟା ଥିବା ଶିଶୁକୁ 'ବାକ୍ ଥେରାପିଷ୍ଟ୍' ସାହାଯ୍ୟ କରିପାରିବେ । ଜଣେ ଶିକ୍ଷକ ଥେରାପିଷ୍ଟ ଭାବେ ବିଦ୍ୟାର୍ଥୀଙ୍କର ପଢିବା, ଲେଖିବା ଏବଂ ଗାଣିତିକ କୌଶଳ ବଢ଼ିବାରେ ସାହାଯ୍ୟ କରିପାରନ୍ତି ।

## ବୈଷୟିକ ଜ୍ଞାନକୌଶଳ:

ବୈଷୟିକ ଜ୍ଞାନ କୌଶଳର ସହାୟତା ନିଆଯାଇପାରିବ । ଯେପରି ବିଦ୍ୟାର୍ଥୀମାନେ ଅଡିଓ ବହି, ଗଣିତ ଓ ଇଂରାଜୀ ପାଇଁ ସଫ୍ଟୱୟାର ପ୍ରୋଗ୍ରାମ୍, ଗ୍ରାଫିକ୍ସ କରିବା ପାଇଁ କୌଶଳ, ଟେପ ରେକର୍ଡର୍, ଟକିଙ୍ଗ୍ କାଲ୍‌କୁଲେଟର୍, ସଙ୍କେତ ବା ଚିହ୍ନର ଦୃଶ୍ୟକୁ ଚିହ୍ନିବାପାଇଁ ସଫ୍ଟୱୟାର,'Proof reading' ସଫ୍ଟୱୟାର, ଲେଖାରୁ ଧ୍ୱନିକୁ ଏବଂ ଧ୍ୱନିରୁ ଲେଖାକୁ ରୂପାନ୍ତରୀକରଣ ଇତ୍ୟାଦିର ସାହାଯ୍ୟ ନେଇପାରିବେ । ଏହିଭଳି ବୈଷୟିକ କୌଶଳ ଦ୍ୱାରା ବିଦ୍ୟାର୍ଥୀମାନେ ବିଭିନ୍ନ ଆହ୍ୱାନକୁ ସାମ୍ନା କରିପାରିବେ ଏବଂ ସ୍ୱାଧୀନ ଭାବେ ଜ୍ଞାନ ଆହରଣ କରିପାରିବେ । ଛାତ୍ର ଛାତ୍ରୀ ମାନେ ନିଜର ଶରୀର ଏବଂ ଚକ୍ଷୁର ଯତ୍ନ ନେବା ନିତ୍ୟାନ୍ତ ଆବଶ୍ୟକ । ବିଦ୍ୟାର୍ଥୀମାନେ ମଝିରେ ମଝିରେ ଇଲେକ୍ଟ୍ରୋନିକ୍ ଉପକରଣ ବ୍ୟବହାର କରିପାରନ୍ତି କିନ୍ତୁ ବିଛଣାରେ ଶୋଇବାର ଏକ ଘଣ୍ଟା ପୂର୍ବରୁ ସେମାନେ ଏସବୁ ଉପକରଣରୁ ଦୁରେଇ ରହିବା ଆବଶ୍ୟକ ।

## କଠିନ ପରିଶ୍ରମ ଓ ଅଧ୍ୟବସାୟ:

ବେଳେବେଳେ ବିଦ୍ୟାର୍ଥୀମାନେ ବହୁତ ପରିଶ୍ରମ ଓ ଚେଷ୍ଟା କଲେ ବି କିଛି ବିଷୟରେ ଅଧ୍ୟୟନ କରିବା ବଡ ଆହ୍ୱାନ ସୃଷ୍ଟି କରେ । ସଫଳ ହେବାପାଇଁ ଆହୁରି ଅଧିକ ସମୟ ଦରକାର ହୋଇପାରେ । ତେଣୁ ଧୈର୍ଯ୍ୟ ଓ ଅଧ୍ୟବସାୟ ସହ ସାଧନା କରିବାକୁ ପଡିବ । ଅଭିଭାବକ ଓ ଶିକ୍ଷକ/ଶିକ୍ଷୟତ୍ରୀ ବିଦ୍ୟାର୍ଥୀମାନଙ୍କୁ ସ୍ୱଳ୍ପକାଳୀନ ଏବଂ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତି ଶିଖେଇବେ ଯାହା ବାସ୍ତବ ଏବଂ ଲକ୍ଷ ହାସଲ କଲାଭଳି ଉପଯୁକ୍ତ ହୋଇଥିବ । ଶିଶୁଟିର ଉନ୍ନତି ସଂପର୍କରେ ଆକଳନ କରାଯାଇପାରିବ ଏବଂ ଦରକାର ହେଲେ ସେ ପରାମର୍ଶ ମାଗିପାରିବ । ଯେପରି, ସମୟ ସାରଣୀ ପରିପ୍ରେକ୍ଷୀରେ ଦିନ, ସପ୍ତାହ, ମାସ ଓ ବର୍ଷର ଲକ୍ଷ୍ୟ ସ୍ଥିର କଲାବେଳେ ବିଦ୍ୟାର୍ଥୀ ପାଇଁ ଦିଗ୍‌ଦର୍ଶନର ଆବଶ୍ୟକତା ପଡିପାରେ ।

## ଉତ୍ତରଦାୟିତ୍ୱ:

ଶିଶୁମାନେ ନିଜର କାର୍ଯ୍ୟାବଳୀ ନିଜେ କରିବେ ଓ ଦାୟିତ୍ୱର ସହ ଉତ୍ତରଦାୟୀ ରହିବେ । ଆଶାନୁରୂପ ଫଳ ନପାଇଲେ ବି ସେମାନେ ଖୋଲାମନରେ, ଭଲ ବୁଝାମଣା ସହ ନିଜର ସ୍ଥିତି କୁ ଗ୍ରହଣ କରିବାର ମାନସିକତା ରଖିବା ଦରକାର । ଉଦାହରଣ ସ୍ୱରୁପ ଶିଶୁମାନେ ନୂଆ ଚିନ୍ତା କରିପାରିବେ, ନୂଆ ପାଠକୁ ସ୍ୱାଧୀନ ଭାବେ ନିଜେ ପଢ଼ିପାରିବେ ବା ପ୍ରତିଦିନ ଗୋଟିଏ ନୂଆ ଶବ୍ଦ ଶିଖିପାରିବେ ।

## ପ୍ରତିଭା ଏବଂ ଜ୍ଞାନକୌଶଳ:

ପ୍ରତିଭା ଏବଂ ଜ୍ଞାନ କୌଶଳର ଅଭିବୃଦ୍ଧି ନିଜ ଭିତରେ ଆସ୍ତିବାଚକ ମାନସିକତା ଏବଂ ଆତ୍ମବିଶ୍ୱାସକୁ ବଢାଇଥାଏ । ତେଣୁ ଶିଶୁ ଭିତରେ ଥିବା ଶକ୍ତି ଓ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେହି ଦିଗରେ ଉତ୍ସାହିତ କରିବା ଉଚିତ୍ । ସେମାନଙ୍କୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ଖେଳକୁଦ, ନାଚ, ସଂଗୀତ, ପଢିବା ଓ ଲେଖିବା ଇତ୍ୟାଦିରେ ବ୍ୟସ୍ତ ରଖିଲେ ହିଁ ପ୍ରତିଭାର ବିକାଶ ହେବ । ଏସବୁ କ୍ଷେତ୍ରରେ ଖୁସି, ଫୁର୍ତ୍ତି ଏବଂ ଆଗ୍ରହ ବଢିଲେ ଅନ୍ୟ କ୍ଷେତ୍ର ଯେପରି ପାଠ ପଢ଼ାରେ ବି ସେମାନେ ଉନ୍ନତି କରିବେ । ଶିଶୁମାନଙ୍କୁ ପୁରସ୍କାର ବା ପ୍ରୋତ୍ସାହନ ମିଳିଲେ ସେମାନେ ନିଜେ ଉତ୍ସାହିତ ହୋଇ କାମ କରିବେ । ଏମାନଙ୍କ ପାଇଁ କୌଣସି କାର୍ଯ୍ୟକ୍ରମ ହାତକୁ ନେଲେ ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ସହ ବିଚାର ବିମର୍ଷ କରିବା ଦରକାର । ଏଭଳି ପଦକ୍ଷେପ ବିଦ୍ୟାର୍ଥୀ ମାନଙ୍କର ଉନ୍ନତି ଆକଳନ କରିବାରେ ସାହାଯ୍ୟ କରିବ । ଶିଶୁମାନଙ୍କର ବୟସ ଓ ଶ୍ରେଣୀ ଅନୁଯାୟୀ ପୁରସ୍କାର ବା ପ୍ରୋତ୍ସାହନର ପ୍ରକାର ବଦଳିବ ଯାହା ତାଙ୍କୁ ସୁହାଇଲା ଭଳି ହୋଇଥିବ । ଏହି ପ୍ରକ୍ରିୟାକୁ ନିରନ୍ତର ଜାରି ରଖିବା ଦରକାର ଏବଂ ସମୟ ଅନୁସାରେ ପରିବର୍ତ୍ତନ କରିବା ବାଞ୍ଛନୀୟ ।



## ଦଶମ ଅଧ୍ୟାୟ

# ମାନସିକ ସ୍ୱାସ୍ଥ୍ୟର ଯତ୍ନ

ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନେ ଦୈନନ୍ଦିନ ବିଦ୍ୟାଳୟରେ ପାଠ ପଢିବାରେ ଅସୁବିଧାକୁ ସାମ୍ନା କରିବା ଦ୍ୱାରା ସେମାନଙ୍କ ଭିତରେ ଏକ ପ୍ରକାର କ୍ରୋଧ, ହତାଶା, ଦ୍ୱନ୍ଦ, ଉତ୍କଣ୍ଠା ଏବଂ ଅବସାଦରେ ଭାରାକ୍ରାନ୍ତ ଅନୁଭବ କରନ୍ତି । ସେମାନଙ୍କର ବିଭିନ୍ନ ମିଶ୍ରିତ ଭାବନା ଓ ପ୍ରତିକ୍ରିୟାକୁ ଠିକ୍ ଭାବେ ଲକ୍ଷ୍ୟ କରି ଲିପିବଦ୍ଧ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ବିଦ୍ୟାଳୟ ମାନସିକ ପରାମର୍ଶଦାତା କିମ୍ବା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଙ୍କ ସହ ବିଚାର ବିମର୍ଷ ସେଭଳି ଶିଶୁମାନଙ୍କୁ ବହୁତ ସାହାଯ୍ୟ କରିପାରିବ । ବିଷାଦର କାରଣ ନିଜେ ଅନୁସଂଧାନ କରିପାରିବେ । ସେମାନଙ୍କର ଭାବନା ଓ ଆବେଗକୁ ନିଜେ ସେମାନେ ବୁଝିପାରିବେ ଏବଂ ନିଜର ଭାବମୂର୍ତ୍ତିକୁ ସଜାଡିପାରିବେ ଏବଂ ଅକ୍ଷୁର୍ଣ୍ଣ ରଖିପାରିବେ ।

ଶିକ୍ଷଣ ଅକ୍ଷମତା ଥିବା ଅନେକ ମହାନ୍ ବ୍ୟକ୍ତିତ୍ୱ ଏଭଳି ଶିଶୁ/ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପାରନ୍ତି । ସେମାନଙ୍କର ସଫଳତାର କାହାଣୀ ବିଭିନ୍ନ ବହି ଓ ଚଳଚିତ୍ର ମାଧ୍ୟମରେ ଉପଲବ୍ଧ ହୋଇପାରେ । ମହାମନିଷୀ ମାନଙ୍କର ଜୀବନୀ ଏବଂ ଜୀବନର ଯାତ୍ରା ଶିଶୁମାନଙ୍କ ପାଇଁ ବହୁତ ପ୍ରେରଣାଦାୟୀ ନିଶ୍ଚୟ ହେବ । ଏଭଳି ସାମାଜିକ ଏବଂ ପ୍ରେରଣାପୂର୍ଣ୍ଣ କାହାଣୀ ଶିଶୁମାନଙ୍କ ଦୈନନ୍ଦିନ ଜୀବନରେ ଏକ ଅଭିନ୍ନ ଅଂଶ ହେବା ଉଚିତ୍ ଯାହା ଆତ୍ମନିରୀକ୍ଷଣରେ ସାହାଯ୍ୟ କରିବ । ଅନେକ ବିଖ୍ୟାତ ବୈଜ୍ଞାନିକ, ସଙ୍ଗୀତଜ୍ଞ,ରାଜନେତା ଏବଂ ତାରକା ବ୍ୟକ୍ତିତ୍ୱ ମାନେବି ଶିକ୍ଷଣ ଅକ୍ଷମତାର ଶିକାର ହୋଇଥିଲେ । ତନ୍ମଧ୍ୟରୁ **ଆଲବର୍ଟ ଆଇନଷ୍ଟାଇନ**ଙ୍କ ଭଳି ବିଖ୍ୟାତ ବୈଜ୍ଞାନିକ,**ୱାଲ୍ଟ ଡିଜନି**ଙ୍କ ଭଳି ଆନିମେଟର, **'ଷ୍ଟିଭ୍ ଯବସ୍'**ଙ୍କ ଭଳି ' ଆପଲ୍' କମ୍ପାନୀର ସହ ପ୍ରତିଷ୍ଠାତା, **'ଡାନିଏଲ୍ ରେଡକ୍ଲିଫ୍'**ଙ୍କ ଭଳି ଇଂଲିଶ ଅଭିନେତା ଯିଏ ଐତିହାସିକ **'ହ୍ୟାରୀ ପୋଟର୍'** ଭୂମିକାରେ ଅଭିନୟ କରିଥିଲେ, ଇଂଲିଶ ଲେଖକ ଓ ରୋଷଇକଳାରେ ନିପୁଣ **'ଜାମି ଅଲିଭର'** ,**'ହ୍ରିତିକ୍ ରୋଶନ୍'** ଓ **'ଅଭିଷେକ ବଚ୍ଚନ'**ଙ୍କ ଭଳି ବଲିଉଡ୍ ଅଭିନେତା ଇତ୍ୟାଦି ବ୍ୟକ୍ତିତ୍ୱ ଶିକ୍ଷଣ ଅପାରଗ ଥିଲେ କିନ୍ତୁ ନିଜକୁ ପ୍ରତିଷ୍ଠିତ କରାଇପାରିଥିଲେ ।

ନିରନ୍ତର ସୁସ୍ଥ ଜୀବନ ଯାପନ କରିବା ଶିଶୁମାନଙ୍କ ପାଇଁ ନିତ୍ୟାନ୍ତ ଜରୁରୀ ଯାହା ତାଙ୍କର ଧ୍ୟାନ ଓ ଲକ୍ଷ୍ୟକୁ ମଜବୁତ୍ କରିଥାଏ । ସୁଷମ ଖାଦ୍ୟ, ଠିକ୍ ପରିମାଣରେ ନିଦ୍ରା, ବ୍ୟାୟାମ ଓ ନିୟମିତ ଖୋଲା ଆକାଶ ତଳେ ପ୍ରାତଃ ଭ୍ରମଣ ନିଜର ମନ ଓ ଶରୀରକୁ ସତେଜ ରଖିଥାଏ । ସଦା ସର୍ବଦା ନିୟମିତ ଏକ ଶୃଙ୍ଖଳିତ ଜୀବନ ରୁଟିନ୍ ଅନୁସାରେ ପରିଚାଳନା କରିବା ଉଚିତ୍ ।

## ସାହାଯ୍ୟ ଓ ସହଯୋଗ:

ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ଶିଶୁ ମାନଙ୍କର ଅବସ୍ଥା ବେଶି ଗୁରୁତର ହେବା ଆଗରୁ ଅଭିଜ୍ଞ ଶିକ୍ଷକ ଏବଂ ବିଷାରଦ ମାନଙ୍କର ସାହାଯ୍ୟ ସହଯୋଗ ଲୋଡ଼ିବା ଦରକାର । ଏଭଳି ଅକ୍ଷମତା ଯୁକ୍ତ ବିଦ୍ୟାର୍ଥୀ ମାନଙ୍କୁ ପରୀକ୍ଷା ସମୟରେ ଅତିରିକ୍ତ ସମୟ ଦିଆଯାଏ ଏବଂ ସ୍ଥଳ ବିଶେଷରେ କାଲ୍‌କୁଲେଟର୍ ବି ହିସାବ କରିବାପାଇଁ ଦିଆଯାଏ । ତେଣୁ ବିଦ୍ୟାର୍ଥୀ ମାନେ ଏସବୁ ସୁବିଧାର ସୁଯୋଗ ନେବା ଉଚିତ୍ । ସର୍ବୋପରି ଶିଶୁମାନେ ନିରନ୍ତର ଉତ୍ସାହ, ସାମାଜିକ ଓ ଆବେଗିକ ସାହାଯ୍ୟ, ଠିକ୍ ବୁଝାମଣା ଏବଂ ସ୍ନେହଶ୍ରଦ୍ଧାରୁ ବଂଚିତ୍ ହେବା ଉଚିତ୍ ନୁହେଁ । ଭାରତର ବିଭିନ୍ନ ଶିକ୍ଷାବୋର୍ଡ଼ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଥିବା ବିଦ୍ୟାର୍ଥୀ ମାନଙ୍କ ପାଇଁ ଅନେକ ରିହାତି ଉପଲବ୍ଧ କରାଇଥାଏ । ଏହି ସୁବିଧା ପାଇବାକୁ ପ୍ରତ୍ୟେକ ଶିକ୍ଷଣ ଅକ୍ଷମ ବିଦ୍ୟାର୍ଥୀ ବା ଶିଶୁ ମାନଙ୍କୁ ସରକାର ସ୍ୱିକୃତିପ୍ରାପ୍ତ ସାର୍ଟିଫିକେଟ୍ ପାଇବା ଜରୁରୀ ।

## ଔଷଧ ବ୍ୟବହାର :

ଅନେକ ଶିଶୁ ବା ବ୍ୟକ୍ତିମାନଙ୍କର ଭିତରେ ଲୁକ୍କାୟିତ ଅବସ୍ଥାରେ କୌଣସି ମନସ୍ତାତ୍ତ୍ୱିକ ସମସ୍ୟା ଥାଇପାରେ ଯାହାପାଇଁ ଚିକିତ୍ସାର ଆବଶ୍ୟକ ପଡିପାରେ । ମାନସିକ ଅବସାଦ, ଉତ୍କଣ୍ଠା ଏବଂ ଧ୍ୟାନ ବିଶୃଙ୍ଖଳତା ଅବସ୍ଥା ପାଇଁ ଔଷଧ ନେବାକୁ ପଡିପାରେ । ନିଜର ମାନସିକ ସ୍ଥିରତା ବଢାଇବାପାଇଁ କିଛି ଔଷଧ ସାହାଯ୍ୟ କରିପାରେ ।

## ସଫଳତାର ସ୍ୱାଦ ଉପଭୋଗ କରିବା ଦରକାର :

ବିଦ୍ୟାର୍ଥୀମାନେ ସେମାନଙ୍କ ଅତୀତର କଥା ଓ ସଫଳତାର କାହାଣୀ ମନେ ପକାଇ ଆନନ୍ଦ ଅନୁଭବ କରିବା ଉଚିତ୍ । ଏଭଳି ବ୍ୟକ୍ତିମାନେ ନିଜ ଜୀବନ ଯାତ୍ରାରେ ଛୋଟ ଏବଂ ବଡ ଲକ୍ଷ୍ୟ ହାସଲ କରିବାର ଅନୁଭୂତିକୁ ଉପଭୋଗ କରିବା କଥା ଏବଂ ଅନ୍ୟମାନଙ୍କ ସହ ବାଣ୍ଟିବା କଥା । ନିଜର ଅନୁଭବକୁ ଅନ୍ୟସହ ଆଲୋଚନା କରିବା ପ୍ରକ୍ରିୟାରେ ନିଜର ଆତ୍ମ ସମ୍ମାନର ବି ବୃଦ୍ଧି ଘଟିଲାଭଳି ଲାଗେ ।

ସେହିଭଳି ଶ୍ରେଣୀଗୃହରେ ଓ ଦୈନନ୍ଦିନ ଜୀବନରେ ବଂଧୁମାନଙ୍କ ସହ ସଂପର୍କକୁ ଆହୁରି ନିବିଡ କରିବା ଦରକାର । ଠିକ୍ ମୂଲ୍ୟବୋଧକୁ ଅନୁସରଣ କରିବା ଏବଂ ସମସ୍ୟା ସମାଧାନ କରିବାର ଦକ୍ଷତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ । ସର୍ବୋପରି ନିଜକୁ ନମନୀୟ କରିବା, ଖୋଲାମନରେ ଏକ ସନ୍ତୁଳିତ ଏବଂ ପରିବର୍ତ୍ତନଶୀଳ ଚରିତ୍ର ଗଠନ କରିବାର ମାନସିକତା, ଶିକ୍ଷାକ୍ଷେତ୍ରରେ ଏବଂ ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା ଆହ୍ୱାନକୁ ବିଦ୍ୟାର୍ଥୀ ମାନେ ସୁପରିଚାଳନା କରିପାରିବେ ।

## ଅଧ୍ୟାୟ-୧୧

# ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସମ୍ପର୍କରେ କିଛି ପ୍ରଶ୍ନ ଓ ଉତ୍ତର

**ପ୍ରଶ୍ନ** : ଏଭଳି ଅକ୍ଷମତା ଯୁକ୍ତ ଶିଶୁମାନେ କ'ଣ ମାନସିକ ଅନଗ୍ରସର ?

**ଉତ୍ତର** : ନାଁ, ସେମାନେ ମାନସିକ ଅନଗ୍ରସର ନୁହଁନ୍ତି ।

ମାନସିକ ଅନଗ୍ରସରତା ଏଭଳି ଶିଶୁମାନଙ୍କ ପାଇଁ ବ୍ୟବହାର କରାଯାଏ ଯେଉଁମାନଙ୍କର ବିକାଶ ନିରନ୍ତର ମନ୍ଥର । ସେମାନଙ୍କ ବିକାଶ ଅତି ଧୀର ଗତିରେ ହୋଇଥାଏ ଯାହାଙ୍କର ସମାଜରେ ସ୍ୱାଧୀନ ଭାବେ ଚଳିବାପାଇଁ ଦକ୍ଷତା ବହୁତ ସୀମିତ ହୋଇଥାଏ । ଏଠାରେ ସ୍ପଷ୍ଟ ହେବା ଉଚିତ୍ ଯେ ମାନସିକ ଅନଗ୍ରସରତାକୁ ବର୍ତ୍ତମାନ ବୌଦ୍ଧିକ ଅକ୍ଷମତା ହିସାବରେ ନାମିତ କରାଯାଇଛି ।

**ପ୍ରଶ୍ନ:** ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନେ କ'ଣ ଆବେଗିକ ସ୍ତରରେ ବିଚଳିତ ଥା'ନ୍ତି ?

**ଉତ୍ତର** : ପ୍ରାଥମିକ ସ୍ତରରେ ସେମାନଙ୍କର ଆବେଗିକ ସମସ୍ୟା ନଥାଏ । ସେମାନଙ୍କର ଶିକ୍ଷଣ ସମସ୍ୟା ମାନସିକ ଅବସାଦ, ବିଶୃଙ୍ଖଳିତ ପରିସ୍ଥିତି କିମ୍ବା ପ୍ରତ୍ୟାଖାନ କାରଣରୁ ହୋଇନଥାଏ । ବିଦ୍ୟାଳୟରେ ତିକ୍ତ ବା ଅପ୍ରତୀକର ଅନୁଭୂତି ଯୋଗୁଁ ସେମାନଙ୍କର ଉତ୍ତେଜନା, ଉତ୍କଣ୍ଠା, ମାନସିକ ଅବସାଦ ବା କ୍ରୋଧ/କ୍ଷୋଭ ଇତ୍ୟାଦି ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ।

**ପ୍ରଶ୍ନ:** ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନେ କ'ଣ ଅଳସୁଆ ?


**ଉତ୍ତର** : ସେମାନେ ସେଭଳି ଅଳସୁଆ ନୁହନ୍ତି । ପ୍ରତେକ ଶିଶୁ ବା କିଶୋର ମାନଙ୍କ କ୍ଷେତ୍ରରେ ବ୍ୟକ୍ତି ସ୍ଥଳ ବିଶେଷରେ ଉତ୍ସୁକତା, ଧୈର୍ଯ୍ୟ, ଅଭିଳାଷ, ଦକ୍ଷତା ପୃଥକ ପୃଥକ୍ ଲକ୍ଷ୍ୟ କରାଯାଏ । ଏଭଳି ଲକ୍ଷଣ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନଙ୍କ ଠାରେ ପ୍ରାୟ ଜନ୍ମରୁ ଦେଖାଯାଏ । ଏମାନଙ୍କ ମଧ୍ୟରୁ ବହୁତ ଶିଶୁଙ୍କର ସାଧାରଣ ଲକ୍ଷଣ ଭାବେ ଶୀଘ୍ର ହାଲିଆ ହୋଇଯିବା ବା ଏକପ୍ରକାର କାମକୁ ବାରମ୍ବାର କରିଲେ ବିରକ୍ତ ହେବା ଦେଖାଯାଏ ।

**ପ୍ରଶ୍ନ :** ସେମାନଙ୍କର ମସ୍ତିଷ୍କ କ'ଣ ଆଘାତ ପାଇଥାଏ ?

**ଉତ୍ତର:** ଅନେକ ବର୍ଷ ଧରି ବିଶେଷଜ୍ଞ ମାନେ 'ଅତିସାମାନ୍ୟ ଆଘାତ ପ୍ରାପ୍ତ ମସ୍ତିଷ୍କ' ଭଳି ଶବ୍ଦ କିଛି ଶିଶୁମାନଙ୍କ ପାଇଁ ବ୍ୟବହାର କରିଆସିଛନ୍ତି ଯେଉଁମାନଙ୍କଠାରେ ଅସମାନ ବିକାଶ, ଅନ୍ୟମନସ୍କତା, ଉଗ୍ରତା ଏବଂ ଶିକ୍ଷଣ ଅପାରଗତା ଦେଖାଯାଏ । ଏସବୁ ଲକ୍ଷଣର କାରଣ ଯେପରି ଶିଶୁ ଜନ୍ମ ପୂର୍ବରୁ କିମ୍ବା ଜନ୍ମ ସମୟରେ ସମସ୍ୟା ଦେଖାଯିବା ପ୍ରାୟତଃ ବିଶ୍ୱାସଯୋଗ୍ୟ ବୋଲି ବିବେଚନା କରାଯାଏ । କିନ୍ତୁ କୌଣସି ଠୋସ୍ ପ୍ରମାଣ ବିନା ଯୁକ୍ତିକୁ ଗ୍ରହଣ କରିବା ଠିକ୍ ନୁହେଁ । ଯେତେବେଳେ ମସ୍ତିଷ୍କ ଆଘାତ ଅତ୍ୟଧିକ ହୋଇଥାଏ ତା' ଫଳରେ କିଛି ସମସ୍ୟା ଯେପରି ମୁର୍ଚ୍ଛା ହୋଇଯିବା କିମ୍ବା ଅଙ୍ଗପ୍ରତ୍ୟଙ୍ଗ ଚଳନ ଓ ବାକ୍ ଶକ୍ତି ବାଧାପ୍ରାପ୍ତ ହେବା ଭଳି ଅସୁବିଧା ଦେଖାଦିଏ ।

**ପ୍ରଶ୍ନ:** ଏଭଳି ଅକ୍ଷମତା କ'ଣ ବଂଶଗତ ?

**ଉତ୍ତର :** ଅନେକ ଗବେଷଣାରୁ ଜଣାପଡେଯେ ଶିଶୁମାନଙ୍କର ଡେରିରେ କଥା କହିବା ଏବଂ ପଢ଼ିବାରେ ସମସ୍ୟା ଇତ୍ୟାଦି ଲକ୍ଷଣ ପରିବାର ଇତିହାସରେ କିଛି ବଂଶଧର ମାନଙ୍କଠାରେ ଦେଖାଯାଇଥାଏ । ତେଣୁ ବଂଶଗତ ଅକ୍ଷମତାର ସମ୍ଭାବନାକୁ ଏଡାଇଦିଆ ଯାଇନପାରେ ।



## ଅଧ୍ୟାୟ- ୧୨

# ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ବିଷୟରେ ଧାରଣା ଓ ବାସ୍ତବତା

'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' ବିଷୟରେ କିଛି ସତ ଆଉ କିଛି ମିଛ ଆମ ମନକୁ ଆନ୍ଦୋଳିତ କରେ । ଅନେକ ସମୟରେ ବୈଜ୍ଞାନିକ ତତ୍ୱ ବୁଝିନପାରି ଆମେ କିଛି ଶୁଣିଥିବା କଥାକୁ ସତ ବୋଲି ଭାବୁ । ଶିକ୍ଷଣ ଅକ୍ଷମତା ସଂପର୍କରେ ଏପରିକି ଅନେକ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥାଏ । ତେଣୁ ଏଠାରେ ଆମେ ଭ୍ରାନ୍ତ ଧାରଣା କଥାଟି କହିବା ଏବଂ ତାପରେ ସତ୍ୟ ଉନ୍ମୋଚନ କରିବା ପାଇଁ ଚେଷ୍ଟା କରିବା ।

### ଏଭଳି ୧୦ ଟି ଧାରଣା ଉପରେ ଆମେ ଆଲୋଚନା କରିବା-

**୧. ଧାରଣା:** ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କର ଶିକ୍ଷା ଗ୍ରହଣ କରିବା ଓ ସଫଳ ହେବା ପାଇଁ ତାର ସହଜାତ ବୁଦ୍ଧି ହିଁ କେବଳ କାରଣ

**ବାସ୍ତବତା :** କଠିନ ପରିଶ୍ରମ ଓ ପ୍ରଭାବଶାଳୀ ଶିକ୍ଷାଦାନ ଦ୍ୱାରା ବିଦ୍ୟାର୍ଥୀ ସଫଳ ହୋଇପାରିବ ।

**୨.ଧାରଣା:**ଏକା ବୟସର ଅନ୍ୟ ଛାତ୍ର ମାନଙ୍କ ଭଳି ସମସ୍ତେ ଏକା ଭଳି, ଏକ ସମୟରେ ଓ ଏକା ଧରଣର ଶିକ୍ଷା ଗ୍ରହଣ କରିବାର ଦକ୍ଷତାକୁ ସାଧାରଣ ବୋଲି ବିବେଚନା କରାଯାଏ ।

**ବାସ୍ତବତା:** ଶିକ୍ଷା ଗ୍ରହଣ କରିବାର କିମ୍ବା କୌଣସି ନୂଆ କଥା ଶିଖିବା ପାଇଁ ବିଭିନ୍ନ ଉପାୟ ଅଛି । ଏତେ ବଡ ବିଶ୍ୱ ଅତିବ ସୁନ୍ଦର ଏଇଥିପାଇଁ ଯେହେତୁ ଆମେ ଭିନ୍ନ ଭିନ୍ନ ମଣିଷ । କାହା ସହ କେହି ଶତ ପ୍ରତିଶତ ମିଶନ୍ତି ନାହିଁ । ପ୍ରତେକ ବ୍ୟକ୍ତି ବା ଶିଶୁ ଅନନ୍ୟ ।

**୩.ଧାରଣା:-** ସାଧାରଣତଃ ଗୋଟିଏ ଉତ୍ତରକୁ ଠିକ୍ ବୋଲି କୁହାଯିବ ଓ ତାକୁ ପ୍ରମାଣିତ କରିବାପାଇଁ ଏକମାତ୍ର ଉପାୟ ଥାଏ ।

**ବାସ୍ତବତା:-** ସଫଳ ହେବାପାଇଁ ଅନେକ ବାଟ ଥାଏ । ଭୁଲ୍ ଉତ୍ତର ଭିତରେ ବି ଅନେକ ସଫଳତାର ଉପାଦାନ ଥାଏ ଏବଂ ଠିକ୍ ସେହିଭଳି ଅସଫଳତାର ଉପାଦାନ ଥାଏ ଏବଂ ଠିକ୍ ସେହିଭଳି ଅସଫଳ କାର୍ଯ୍ୟ ଭିତରେ ସଫଳତାର ମନ୍ତ୍ର ଲୁଚି ରହିଥାଏ ।

**୪. ଧାରଣା:** ଭୁଲ୍ ଉତ୍ତର କହିଲା ମାନେ ତୁମେ ଠିକ୍ ଭାବେ ପଢ଼ିନାହଁ ବା ପଢ଼ାରେ ଯଥେଷ୍ଟ ଧ୍ୟାନ ଦେଇନ ।

**ବାସ୍ତବତା :** କୌଣସି କଥା କୁ ଶିଖିବାପାଇଁ ଆମେ ଅନେକ ଭୁଲ୍ କରିଥାଉଁ । ଭୁଲ୍ କରୁ କରୁ ଆମେ ଠିକ୍‌ର ଠିକଣା ପାଇଯାଉଁ ।

**୫. ଧାରଣା:** ପରୀକ୍ଷା ଏକମାତ୍ର ସୁଯୋଗ ଯେଉଁଠି ବିଦ୍ୟାର୍ଥୀ ମାନେ ନିଜର ଜ୍ଞାନକୁ ଦେଖାଇ ପାରିବେ ।

**ବାସ୍ତବତା:** ବାସ୍ତବ କ୍ଷେତ୍ରରେ ବିଦ୍ୟାର୍ଥୀ ମାନଙ୍କର ନିଜର ଜ୍ଞାନ ଗାରିମା ଦେଖାଇବାପାଇଁ ଅନେକ ସୁଯୋଗ ଉପଲବ୍ଧ ହେବା ଦରକାର ।

**୬.ଧାରଣା:** ସାଧାରଣତଃ କ୍ଷୀପ୍ରତା ବୁଦ୍ଧିମତାର ପରିଚାୟକ । ଯିଏ ଯେତେ ଶୀଘ୍ର ଉତ୍ତର ଦେବ ସିଏ ସେତେ ଜ୍ଞାନୀ ଓ ଚତୁର ।

**ବାସ୍ତବତା :** ତୁମେ କେତେ ଜଲ୍‌ଦି ଗୋଟିଏ କଥାକୁ ଶିଖିବା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, କେତେ ଭଲ ଭାବେ ତମେ ଶିକ୍ଷା ଗ୍ରହଣ କରୁଛ ସେଇକଥା ବେଶି ମହତ୍ୱପୂର୍ଣ୍ଣ ।

**୭. ଧାରଣା:** ସବୁଠୁ ଭଲ ବିଦ୍ୟାର୍ଥୀ ମାନେ ସ୍ୱାଧୀନ ଏବଂ ଶିକ୍ଷା ଗ୍ରହଣ ପାଇଁ ଅନ୍ୟ କାହାର ସାହାଯ୍ୟ ନିଅନ୍ତି ନାହିଁ । କାହାର ସାହାଯ୍ୟ ନେବା ତୁମକୁ ଦୁର୍ବଳ କରାଇଦିଏ ।

**ବାସ୍ତବତା:** ଭଲ ବିଦ୍ୟାର୍ଥୀ ମାନେ ପରସ୍ପର ନିର୍ଭରଶୀଳ, ସେମାନେ ସାହାଯ୍ୟ କରନ୍ତି ଓ ଦରକାର ବେଳେ ସାହାଯ୍ୟ ନିଅନ୍ତି । ସେମାନେ ନିଜର କୃତି ଉପରେ ଅନ୍ୟମାନଙ୍କର ଉପଦେଶ ନିଅନ୍ତି ଏବଂ ତାକୁ ଆହୁରି ଋଦ୍ଧିମନ୍ତ କରନ୍ତି ।

**୮. ଧାରଣା:** କିଛି ବିଦ୍ୟାର୍ଥୀ ଅଛନ୍ତି ଯେଉଁମାନେ କେବେବି ଶିକ୍ଷା ଗ୍ରହଣ କରିପାରିବେନି । କାରଣ ସେମାନଙ୍କର କୌଣସି କଥା ଶିଖିବାର ଦକ୍ଷତା ନଥାଏ ।

**ବାସ୍ତବତା:** ସବୁ ବିଦ୍ୟାର୍ଥୀ ଉତ୍ତରୋତ୍ତର ଉନ୍ନତି କରି ପାରିବେ । ଏପରିକି ସେମାନଙ୍କର ଦୁର୍ବଳ ବିଷୟରେବି ନିଜର ଦକ୍ଷତା ବିକାଶ କରିପାରିବେ । ଭଲ ଶିକ୍ଷକ ମାନେ ସବୁ ବିଦ୍ୟାର୍ଥୀଙ୍କର କ୍ଷମତା ଉପରେ ଭରସା ରଖନ୍ତି ଏବଂ ଧୈର୍ଯ୍ୟର ସହ ଶିକ୍ଷାଦାନ କରନ୍ତି ।

**୯.ଧାରଣା :** ଯେଉଁ ବିଦ୍ୟାର୍ଥୀ ମାନେ ବିଦ୍ୟାଳୟରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇନପାରନ୍ତି, ସେମାନେ ପରବର୍ତ୍ତୀ ଜୀବନରେ ବି ବହୁତ୍ ସମସ୍ୟାର ସାମ୍ନା କରନ୍ତି ସଫଳତା ପାଇଁ ।

**ବାସ୍ତବତା:** କୌଣସି ଚେଷ୍ଟା କରୁଥିବା ବା ସଂଘର୍ଷ କରୁଥିବା ବିଦ୍ୟାର୍ଥୀ ପାଇଁ ଲଜ୍ଜାଜନକ, ଅପମାନ ସୂଚକ ବା ନକାରାତ୍ମକ ଶବ୍ଦ ବ୍ୟବହାର କରିବା ଅନୁଚିତ୍ । ଉତ୍ସାହଜନକ ପ୍ରେରଣା ସେମାନଙ୍କୁ ଆଗକୁ ବଢିବାକୁ ସୁଯୋଗ ଦିଏ ।

**୧୦. ଧାରଣା:** ଯେଉଁ ବିଦ୍ୟାର୍ଥୀମାନେ ବିଦ୍ୟାଳୟରେ ଭଲ ପ୍ରଦର୍ଶନ ନକରିପାରନ୍ତି ସେମାନଙ୍କୁ ପରବର୍ତ୍ତୀ ଜୀବନରେ ଉତ୍ସାହିତ କରିଲେ ଆହୁରି ବେଶି ସଫଳ ହୋଇପାରନ୍ତେ ।

**ବାସ୍ତବତା:** ବିଦ୍ୟାଳୟରେ ଯଦି କୌଣସି ଆଶାଜନକ ଫଳ ପ୍ରଦର୍ଶନ ନକରିପାରୁଛନ୍ତି, ସେମାନଙ୍କୁ ଉପଯୁକ୍ତ ଉପାୟରେ ଶିକ୍ଷାଦାନ ଓ ପ୍ରୋତ୍ସାହନ ଦେଲେ ସେମାନେ ଆହୁରି ବେଶି ନିଜକୁ ଭଲ ପ୍ରମାଣିତ କରିପାରିବେ ।

# ଅଧ୍ୟାୟ- ୧୩

# ପ୍ରାଥମିକ ବିଦ୍ୟାର୍ଥୀଙ୍କ ଶିକ୍ଷଣ ଅକ୍ଷମତା ସୂଚକ

**ପ୍ରାଥମିକ ବିଦ୍ୟାଳୟ ବିଦ୍ୟାର୍ଥୀ ଙ୍କ ଠାରେ ଦେଖାଯାଉଥିବା ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ସୂଚକ**

ଯଦିଓ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା'ର ଲକ୍ଷଣ ସଂପର୍କରେ ଆଲୋଚନା ହୋଇଯାଇଛି, ଆମେ ବିଦ୍ୟାଳୟ ସ୍ତର ଅନୁଯାୟୀ କିଛି ନିର୍ଦ୍ଦିଷ୍ଟ ସୂଚକକୁ ଅନୁଧ୍ୟାନ କରିବା ଓ ଏବିଷୟରେ ସଚେତନରହିବା, ଯେପରି ସାଧାରଣତଃ-

- ବିଦ୍ୟାର୍ଥୀ ର ପରିବାର ଇତିହାସରେ ଡେରିରେ କଥା କହିବା ଭଳି ସମସ୍ୟା ଆଗରୁ ଥିବ ।
- କୌଣସି କାମ କଲାବେଳେ ବା କାହାଣୀ ଶୁଣିଲା ବେଳେ ବିଦ୍ୟାର୍ଥୀ କଷ୍ଟ ଅନୁଭବ କରେ ଓ ସ୍ଥିର ହୋଇ ବସେନାହିଁ ।
- ସେ କାହାଣୀ ଶୁଣିବାକୁ ଭଲପାଏ କିନ୍ତୁ କୌଣସି ଅକ୍ଷର ବା ଶବ୍ଦରେ ଆଗ୍ରହ ଦେଖାଏନି
- କେତେ ଗୁଡିଏ ଶବ୍ଦ ଓ ଜିନିଷ ବା ଛବି ଭିତରୁ ଗୋଟିଏ ବ୍ୟତିକ୍ରମ ଥିବା ଜିନିଷକୁ ଚିହ୍ନିବା ବା ବାଛିବାରେ ସମସ୍ୟା ହୋଇଥାଏ ।
- କିଛି ଏକାଭଳି ଶୁଭୁଥିବା ଶବ୍ଦକୁ ମିଶାଇଦିଏ ଯେପରି cubumber (କୁବୁମ୍ବର କହିଥାଏ cucumber କୁ ଏବଂ butterfly (ବଟରଫ୍ଲାଇ)କୁ flutterfly (ଫ୍ଲଟରଫ୍ଲାଇ)କହିଥାଏ ।
- ସାଧାରଣ ତାଳ ଓ ଛନ୍ଦ କଥା ବୁଝିପାରିବାରେ ଅସୁବିଧା ହୁଏ ।
- ଦୁଇଟି କିମ୍ବା ତା'ଠାରୁ ଅଧିକ କଥା କହିବାକୁ କହିଲେ ତାକୁ କଷ୍ଟ ହୁଏ । କିନ୍ତୁ ସେହି କାର୍ଯ୍ୟ କୁ ଛୋଟ ଛୋଟ କରି କହିଲେ କରିପାରେ ।
- ସାଂଗ, ଶିକ୍ଷକ ଓ ରଂଗର ନାଁ ଭୁଲିଯିବା କଥା ସାଧାରଣ ହୋଇଥାଏ ।
- ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ କାଟିବା, ଅଠା ଲଗାଇବା ବା ରଂଗ କରିବା ତାପାଇଁ ସମସ୍ୟା ହୋଇଥାଏ ।
- ଠିକ୍ ଯେପରି ଜୋତାରେ ଫିତା ବାନ୍ଧିବା ବା ପୋଷାକରେ ବୋତାମ ଲଗେଇବା ପାଇଁ ତାକୁ ପୁରା କସରତ୍ କରିବାକୁ ପଡେ ।
- ପୋଷାକ ପିନ୍ଧିଲାବେଳେ ଓଲଟ ପାଲଟ କରି ପିନ୍ଧେ ।

- ଫେଂଡୁ ଭଳି ବସ୍ତୁକୁ ଠିକ୍ ଭାବେ ଧରିପାରେନି, ମାରି ପାରେନି ବା ଫୋପାଡ଼ି ପାରେନି । ଏସବୁ କରିବାରେ ତାକୁ ବଡ଼ କଷ୍ଟ ହୋଇଥାଏ ।
- ଚାଲିଲାବେଳେ ତାର ଶରୀର ଉପରେ ବେଶି ନିୟନ୍ତ୍ରଣ ଥିଲାଭଳି ଲାଗେନି । ଫଳତଃ ଅଧିକାଂଶ ସମୟ ସେ ଝୁଣ୍ଟିପଡେ ଓ ପଡ଼ିଯାଏ ।
- ଏଭଳି ସମସ୍ୟା ଥିବା ବିଦ୍ୟାର୍ଥୀ ଡେଇଁବାରେ ବା ଦଉଡ଼ି ଡିଆଁ ଖେଳିବାରେ କଷ୍ଟ ଅନୁଭବ କରେ ।
- କିଛି କାରଣ ନଥାଇ ଖୁସି ହୁଏ ଏବଂ ଉଦାସ ହୋଇଯାଏ ।
- କହିଲାବେଳେ ଓ ଲେଖିଲାବେଳେ ବହୁତ୍ ମନ୍ଥରତା ଦେଖାଦିଏ ।
- ବାଁ, ଡାହାଣ କିମ୍ବା ଉପର, ତଳ ଦ୍ୱନ୍ଦ ଉପୁଜିଥାଏ ।

## ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବିଦ୍ୟାର୍ଥୀଙ୍କ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ଲିଖନ କାର୍ଯ୍ୟରେ ଜଣାପଡୁଥିବା ସୂଚକ:

- ବିଦ୍ୟାର୍ଥୀଙ୍କର କହିବା ଦକ୍ଷତା ତୁଳନାରେ ଲେଖିବାର ସ୍ତର ସାଧାରଣତଃ ନିକୃଷ୍ଟ ଥାଏ ।
- ଅସ୍ପଷ୍ଟ ହସ୍ତାକ୍ଷର ସାଂଗକୁ ଶବ୍ଦ ଅକ୍ଷର ବାରମ୍ବାର କଟା କଟି ଲେଖାକୁ ଅତି ଅସୁନ୍ଦର କରିଥାଏ ।
- ବାରମ୍ବାର ଶବ୍ଦକୁ ବଦଳାଇବା ଏବଂ ବେଳେବେଳେ ଓଲଟା ଲେଖିବା ତଥା ବାକ୍ୟାଂଶର ଅକ୍ଷର ବଦଳାଇ ଏକ ନୂତନ ଶବ୍ଦ ସୃଷ୍ଟି କରିବା ଇତ୍ୟାଦି ପ୍ରୟାସ ଦେଖିବାକୁ ମିଳେ । ଯେପରି 'ସହ' କୁ ବଦଳାଇ 'ହସ' ଲେଖିବା ।
- ଶବ୍ଦ ବନାନ ଓ ଉଚ୍ଚାରଣ ଅତି ଅବାନ୍ତର ଲାଗେ । ବିଶେଷତଃ ବୟସ ଅନୁଯାୟୀ ଏମିତି ଲେଖିବା ଆଦୌ ସ୍ୱାଭାବିକ ନୁହେଁ ।

## ପଢିବା ସଂପର୍କିତ ଅପାରଗତା

- ବିଦ୍ୟାର୍ଥୀ କୌଣସି ବିଷୟକୁ ପଢିଲାବେଳେ ଯେହେତୁ ଠିକ୍ ଭାବେ ବୁଝିପାରେନି ବହୁତ୍ କଷ୍ଟ କରିଲା ଭଳି ସମସ୍ୟା ହୁଏ ।
- ପଢିଲାବେଳେ କିଛି ଶବ୍ଦ ଛାଡିଯାଏ ଏବଂ କିଛି ନଥିବା ଶବ୍ଦ କୁ ଯୋଡ଼ିଦିଏ ।
- ପରିଚିତ ଶବ୍ଦ ସବୁ ଚିହ୍ନିବା ପାଇଁ ବିଦ୍ୟାର୍ଥୀ ଅସମର୍ଥ ହୁଏ ।
- ଅକ୍ଷରକୁ ଜୋଡି ଶବ୍ଦ ଲେଖିବାରେ ସମସ୍ୟା ହୋଇଥାଏ ।
- ଗୋଟିଏ ପାରାଗ୍ରାଫ୍ ରୁ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଗୁଡିକ ବାଛିବାପାଇଁ ସେ ଅସମର୍ଥ ହୁଏ ।
- ଧାରାବାହିକ ଭାବେ ଧାଡି ପରେ ଧାଡି ପଢିବା ତା ପାଇଁ କଷ୍ଟକର ଲାଗେ । ଯେପରି ପ୍ରଥମ ଧାଡି ପରେ ସେ ପଞ୍ଚମ ଧାଡି ପାଖକୁ ଚାଲିଯାଏ ଓ ସଂପର୍କ ହରାଇଦିଏ ।

# ଅଧ୍ୟାୟ- ୧୪

# ମାଧ୍ୟମିକ ବିଦ୍ୟାର୍ଥୀଙ୍କ ଶିକ୍ଷଣ ଅକ୍ଷମତା ସୂଚକ

## ଗାଣିତିକ ଦକ୍ଷତା:

- ଶିକ୍ଷଣ ଅପାରଗ ବିଦ୍ୟାର୍ଥୀ ଗଣିତ ପାଠରେ ଥିବା ହିସାବ କିତାବ କରିବାପାଇଁ ମାନ, ପରିମାପକ, ଏକକ, ଦଶକ ଓ ଶତକ ଅର୍ଥ ବୁଝିପାରେ ନାହିଁ ।
- ମିଶାଣ ଚିହ୍ନ + ଓ ଗୁଣନ ଚିହ୍ନ X ମଧ୍ୟରେ ଦ୍ୱନ୍ଦ ରେ ପଡେ ।
- କ୍ରମାନ୍ୱୟରେ କୌଣସି ପଣିକିଆ, ସପ୍ତାହର ଦିନବାର ଓ ଅକ୍ଷର ଇତ୍ୟାଦି ମନେ ରଖିବା ପାଇଁ କଷ୍ଟ ହୁଏ ।

## ବ୍ୟବହାର:

- କୌଣସି କାମକୁ ଏଡ଼ାଇବାପାଇଁ କୌଶଳ ଖୋଜିଥାଏ - ଯେପରି ପେନ୍‌ସିଲ୍ କାଟିଚାଲିବା କିମ୍ବା ବହି ଖୋଜିବା ଇତ୍ୟାଦି ।
- ସଦାବେଳେ ଭିନ୍ନ ଏକ ପୃଥିବୀରେ ଥିବାଭଳି ଲାଗେ- ସତେ ଯେପରି ସ୍ୱପ୍ନ ଦେଖୁଛି । କୌଣସି କଥାକୁ ଶୁଣିବା ପାଇଁ ଆଗ୍ରହ ଦେଖାଏନି ।
- ସହଜରେ ଧ୍ୟାନ ଅନ୍ୟଆଡ଼େ ଚାଲିଯାଏ ।
- କୌଣସି ବିଷୟ ପ୍ରତି ଧ୍ୟାନ କିମ୍ବା ଚେଷ୍ଟା କରି ମନ ଦେଲେ ହାଲିଆ ହୋଇଗଲା ଭଳି ଲାଗେ ।
- ସଦାବେଳେ ନିଃସହାୟ ଭଳି ଆଚରଣ କରେ- ବେଳେବେଳେ ଜୋକର୍ ବା ଦୁଷ୍ଟ ଭଳି ବ୍ୟବହାର କରେ ଏବଂ ଓହରିଯିବାର ମାନସିକତା ରେ ସେ ଆକ୍ରାନ୍ତ ହୋଇଥାଏ ।

## ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯୁକ୍ତ ବିଦ୍ୟାର୍ଥୀଙ୍କର କିଛି ଶୈକ୍ଷିକ/ବିଦ୍ୟାଳୟ ସମ୍ବନ୍ଧୀୟ ସୂଚକ:

- ଶ୍ରେଣୀ ଗୃହରେ ବିଶେଷ କରି ଲମ୍ବା ପ୍ୟାସେଜ୍ ବଡ ପାଟିରେ ପଢିବାକୁ ଏହିଭଳି ବିଦ୍ୟାର୍ଥୀ ଏଡାଇଦିଏ ।
- ପଢିଲାବେଳେ ବିଭିନ୍ନ ଶବ୍ଦ ଓ ଏପରିକି ଧାଡି ମଧ୍ୟ ଛାଡିଦିଏ ।

- ଲେଖାଯାଉଥିବା କୌଣସି ସୂଚନାକୁ ଭଲଭାବେ ପଢ଼ିଥାଏ ।
- ପଢ଼ିସାରିଥିବା ପାଠକୁ ବୁଝିବା ତା ପାଇଁ କଷ୍ଟ ହୁଏ ।
- ବ୍ଲାକବୋର୍ଡ୍‌ରେ ଲେଖାଯାଉଥିବା ପାଠକୁ ନକଲ କରିବାରେ ବି ସମସ୍ୟା ହୁଏ ଏବଂ ବେଳେବେଳେ ବହି ଦେଖିବି ନକଲ କରିପାରନ୍ତି ନାହିଁ ।
- ପଢିବା ଓ ଲେଖିଲାବେଳେ ବିଭିନ୍ନ ଶବ୍ଦ ଯେପରି who ଏବଂ how, there ଏବଂ their, for and from ଭିତରେ ତଫାତ୍-ବୁଝିପାରନ୍ତି ନାହିଁ ।
- ହସ୍ତାକ୍ଷର ବହୁତ ଅପରିଷ୍କାର ଦେଖାଯାଏ । କଲମ/ପେନ୍‌ସିଲ୍ /ଧରିବାର ଭୁଲ୍ ପଦ୍ଧତି ଯୋଗୁଁ ଅକ୍ଷର ଲେଖିବା ତା ପାଇଁ କଷ୍ଟ ହୁଏ ଏବଂ ଅତି ଅସୁନ୍ଦର ଦେଖାଯାଏ । ପେନ୍‌ସିଲ୍‌କୁ ଜୋରରେ ଚାପିଧରିବା ଓ ହାତ ମୁଠାରେ କଲମ ଧରିବା ଦ୍ୱାରା ଲେଖିବାରେ ଶୃଙ୍ଖଳାର ଅଭାବ ପରିଲକ୍ଷିତ ହୁଏ ।
- ଅକ୍ଷର ଓ ଶବ୍ଦ ଗୁଡିକୁ ଭୁଲ୍ ଭାବେ ଉପସ୍ଥାପନ କରେ ଯେପରି 'from' ଲେଖିଲାବେଳେ 'form' ଲେଖିଥାଏ, ସେହିଭଳି '12' ଯାଗାରେ '21' ଲେଖେ । ବେଳେବେଳେ 'saw' କୁ 'was', spot କୁ tops ବା 'how are you ?' କୁ 'you are how' ବୋଲି ଲେଖିଥାଏ ।
- କୌଣସି ଶବ୍ଦର ଉଚ୍ଚାରଣକୁ ଲକ୍ଷ୍ୟ କରି ବିଦ୍ୟାର୍ଥୀ ଶବ୍ଦଟିର କିଛି ଅକ୍ଷରକୁ ଲେଖିଲାବେଳେ ଛାଡିଦିଏ । ଉଦାହରଣବଶତଃ'make' ଜାଗାରେ'mak' ବୋଲି ଲେଖିଦିଏ ।
- ଠିକ୍ ସେହିପରି ଏକାଭଳି ଉଚ୍ଚାରଣ ହେଉଥିବା ଶବ୍ଦକୁ ଭୁଲ୍ ଭାବେ ଲେଖିଥାଏ । ଯେପରି'circle' କୁ'cercul' ଏବଂ'brought' କୁ'brot' ବୋଲି ଲେଖିଥାଏ ।
- ପରୀକ୍ଷା ଦେଲାବେଳେ ସଂପୂର୍ଣ୍ଣଭାବେ ଉତ୍ତର ଦେଇପାରେନି ଓ କ୍ଲାସ୍ ନୋଟ୍ ଲେଖିଲାବେଳେ ପୁରା ଲେଖିପାରେନି ।
- ଲେଖିଲାବେଳେ କୌଣସି ଉପସର୍ଗ ବା କ୍ୟାପିଟାଲ୍ (ବଡ଼) ଅକ୍ଷର ପ୍ରତି ଦୃଷ୍ଟି ନଥାଏ ।
- ଏମିତି ପ୍ରଶ୍ନର ଉତ୍ତର ହୁଏତ କହିଦେଇପାରେ, କିନ୍ତୁ ସେଇକଥା କାଗଜରେ ଲେଖିବାର ଦକ୍ଷତା ନଥାଏ ।
- କୌଣସି ବିଷୟର ସାରାଂଶ ସଂକ୍ଷିପ୍ତରେ କହିପାରେନି ।
- ବାକ୍ୟ କିପରି ଆରମ୍ଭ ଓ ଶେଷ ହୁଏ ଜାଣିପାରେନି ।
- କୌଣସି ଭାବନାକୁ ଶବ୍ଦରେ ପ୍ରକାଶ କରିବାପାଇଁ ତାକୁ କଷ୍ଟ ହୁଏ ।

- ମନେ ରଖିବାର ଦକ୍ଷତା ବହୁତ କମ୍ ଥାଏ ଓ କୌଣସି ପୁରୁଣା କଥା ମନେ ପକାଇବା ବଡ଼ କଷ୍ଟ ହୋଇଥାଏ ।
- ପଢିଲାବେଳେ ଗୋଟିଏ ଅଧ୍ୟାୟରେ ସେଇ ଏକା ଶବ୍ଦକୁ ବିଭିନ୍ନ ଢଙ୍ଗରେ ଉଚ୍ଚାରଣ କରିଥାଏ ।
- କୌଣସି ଭାବାତ୍ମକ ଧାରଣା କଥା ସହଜରେ ବୁଝିପାରେନି ।



## ଅଧ୍ୟାୟ-୧୫

# ସାମାଜିକତା ଓ ଶୈକ୍ଷିକ ସଫଳତାର ପରିପ୍ରକାଶ

**ବିଦ୍ୟାଳୟ ବାହାରେ ଏଭଳି ଶିଶୁମାନଙ୍କର ଧ୍ୟାନ ଓ ବ୍ୟବହାର ରେ ବି ଅସ୍ୱାଭିବକତା ଲକ୍ଷ୍ୟ କରାଯାଏ ଯେପରି-**

- କୌଣସି କଥା ବା ଜିନିଷ ଉପରେ ଆଦୌ ଧ୍ୟାନ ସେମାନେ ଦିଅନ୍ତିନି କିମ୍ବା ଆବଶ୍ୟକତାଠାରୁ ଅତ୍ୟଧିକ ଧ୍ୟାନ ଦିଅନ୍ତି ।
- ଦିଆଯାଇଥିବା କାମକୁ ସଂପୂର୍ଣ୍ଣ କରନ୍ତିନି କିମ୍ବା ବେପରୁଆ ଭାବରେ ବ୍ୟବହାର କରନ୍ତି । ଆରମ୍ଭ କରିଥିବା କାମକୁ କିପରି ଶେଷ କରାଯିବ -ସେ ବିଷୟରେ କୌଣସି ଯୋଜନା ବି କରିପାରନ୍ତି ନାହିଁ ।
- ଯେକୌଣସି କଥା ଉପରେ ବହୁତ୍ ଅଳ୍ପ ସମୟ ଧ୍ୟାନ ରହେ । ତେଣୁ ଏକାଗ୍ରତାର ସହ ମନୋନିବେଶ କରିପାରନ୍ତିନି ।
- ଏଭଳି ଶିଶୁ ବହୁତ୍ ଅଥୟ କିମ୍ବା ଅତ୍ୟଧିକ କ୍ରିୟାଶୀଳ ଲାଗନ୍ତି । କିଛି କାମ ବା ଉଦ୍ଦେଶ୍ୟ ନଥାଇ ଘିରି ଘିରି ବୁଲୁଥାନ୍ତି ଓ ଅନ୍ୟ ଶିଶୁମାନଙ୍କୁ ବି ଏଥିରେ ସାମିଲ୍ କଲାଭଳି ବ୍ୟବହାର କରନ୍ତି ।
- କୌଣସି କଥା ବା ନିର୍ଦ୍ଦେଶକୁ କର୍ଣ୍ଣପାତ କରନ୍ତି ନାହିଁ । ଗୋଟିଏ ପଟେ ଯିବାକୁ କହିଲେ ସେମାନେ ବିପରୀତ ଦିଗରେ ଚାଲନ୍ତି, ଯେହେତୁ କୁହାଯାଇଥିବା କଥା କୁ ଠିକ୍ ରେ ଶୁଣନ୍ତି ନାହିଁ ଏବଂ ଆଗ୍ରହ ପ୍ରକାଶ କରନ୍ତିନି ।
- ବଂଧୁ ସହ ସଂପର୍କ ରଖିବା ବଡ଼ କଷ୍ଟକର ସମସ୍ୟା ହୋଇଥାଏ ।
- ଶୃଙ୍ଖଳା ଓ ନିୟମ କିମ୍ବା ନିର୍ଦ୍ଦେଶ ଶୁଣିବା ବା ମାନିବା ମାନସିକତା ଏଭଳି ଶିଶୁର ନଥାଏ । ବେଖାତିର୍ ଓ ନକରାତ୍ମକ ମନୋଭାବ ଯୋଗୁଁ ସେ ବିଶୃଙ୍ଖଳିତ ଆଚରଣ କରେ । କିଛି କାରଣ ନଥାଇ ଉଗ୍ର ବ୍ୟବହାର କରେ ।
- ଅନ୍ୟମାନଙ୍କ ଭଳି ସାମାଜିକ ନିୟମ, ରୀତି/ନୀତିକୁ ସେ ଗ୍ରହଣ କରିପାରେନି ଓ ବୁଝିପାରେନି ।
- ଆତ୍ମବିଶ୍ୱାସ ର ଅଭାବ ଯୋଗୁଁ ନିଜର ଭାବମୂର୍ତ୍ତି ହୀନମନ୍ୟତା ରେ ପ୍ରଭାବିତ ହୋଇଥାଏ ।

# ଅଧ୍ୟାୟ-୧୬

# ପାସ୍ ନା ଫେଲ୍ ??

**ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯୁକ୍ତ ବିଦ୍ୟାର୍ଥୀମାନଙ୍କୁ ଉପର ଶ୍ରେଣୀ କୁ ଉତ୍ତୀର୍ଣ୍ଣ କରିବା କଥା ଠିକ୍ ନା ଭୁଲ୍ ?**

ସାଧାରଣତଃ ଯଦି ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ନକରି ସେହି ଶ୍ରେଣୀରେ ଶିଶୁଟିକୁ ପୁଣି ଏକ ବର୍ଷ ରଖାଯାଏ ଏବଂ ଆବଶ୍ୟକୀୟ ଦକ୍ଷତା ବୃଦ୍ଧି ପାଇଁ ଚେଷ୍ଟା କରାଯାଏ, ତେବେ ଏହା ଏକ ଭଲ ବିକଳ୍ପ ହୋଇପାରିବ । କିନ୍ତୁ ଗବେଷଣାରୁ ଜଣାପଡେ ଯେ ଯେଉଁ ବିଦ୍ୟାର୍ଥୀମାନଙ୍କୁ ଉତ୍ତୀର୍ଣ୍ଣ କରାଯାଇନଥିଲା, ସେମାନଙ୍କର ଫଳାଫଳ ସେମିତିକିଛି ଉତ୍ସାହଜନକ ନଥିଲା । ଏହି ବିଷୟରେ ଚିକାଗୋ ବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡିଥିଲା ଯେ ଅଷ୍ଟମ ଶ୍ରେଣୀରେ ଯେତିକି ବିଦ୍ୟାର୍ଥୀଙ୍କୁ ପୁଣି ଏକ ବର୍ଷ ରଖାଯାଇଥିଲା, ସେମାନଙ୍କ ଭିତରୁ ଏକ- ତୃତୀୟାଂଶ ପାଠପଢା ଓ ବିଦ୍ୟାଳୟ ଛାଡ଼ିଦେଇଥିଲେ । ୨୦୦୩ ମସିହାରେ ଆମେରିକା ସ୍ଥିତ ‘‘National Association of School Psychologists" ଦ୍ୱାରା ପ୍ରକାଶିତ ବିବରଣୀରୁ ଏହିସବୁ ଜଣାପଡେ ଯେ-

- ଯେଉଁ ବିଦ୍ୟାର୍ଥୀମାନଙ୍କୁ ଉତ୍ତୀର୍ଣ୍ଣ କରାଯାଇନଥିଲା ଏବଂ ସେହି ଶ୍ରେଣୀରେ ପୁଣିଥରେ ପଢ଼ିବାକୁ ରଖାଯାଇଥିଲା, ସେମାନଙ୍କର ଫଳାଫଳ ଅପେକ୍ଷା ସେହି ସହପାଠୀଙ୍କର ଫଳ ବେଶି ଭଲଥିଲା ଯାହାଙ୍କୁ ଉତ୍ତୀର୍ଣ୍ଣ କରାଯାଇଥିଲା ।
- ସେହି ଗୋଟିଏ ଶ୍ରେଣୀରେ ବିଦ୍ୟାର୍ଥୀକୁ ରଖିବା ଦ୍ୱାରା ସେ ଯାହାବି ହାସଲ ବା ଉନ୍ନତି କରିଥାଏ, ଦୁଇ/ତିନି ବର୍ଷରେ ତାହା ମିଳେଇ ଯାଏ ଓ ନିରର୍ଥକ ହୋଇଥାଏ ।
- ଯେଉଁ ବିଦ୍ୟାର୍ଥୀ ମାନଙ୍କୁ ଆମେ ପଛୁଆ ବୋଲି ଭାବୁଛୁ ସେମାନଙ୍କୁ ସେହି ଶ୍ରେଣୀରେ ପୁଣି ରଖିବାଦ୍ୱାରା ସେମାନଙ୍କର ବେଶି କ୍ଷତି ହୋଇଥାଏ ।
- ଉତ୍ତୀର୍ଣ୍ଣ ହୋଇନଥିବା ବିଦ୍ୟାର୍ଥୀ ମାନଙ୍କର ତୁଳନାତ୍ମକ ଭାବେ ବେଶି ବ୍ୟବହାରିକ ସମସ୍ୟା ଦେଖାଯାଏ ।
- ବିଦ୍ୟାର୍ଥୀଙ୍କୁ ଉତ୍ତୀର୍ଣ୍ଣ ନକରିବା ଦ୍ୱାରା ସେମାନଙ୍କ ବିକାଶର ବିଭିନ୍ନ କ୍ଷେତ୍ରରେ ନକରାତ୍ମକ ପ୍ରଭାବ ପଡ଼ିଥାଏ-ଯେପରି ପଢ଼ିବା, ଗାଣିତିକ ଓ ଭାଷା ଦକ୍ଷତା ବିକାଶ ପ୍ରତିହତ ହୁଏ ।

ଠିକ୍ ସେହିଭଳି ସାମାଜିକ ଚଳଣି ଓ ଆବେଗିକ କ୍ଷେତ୍ରରେ ନିଜକୁ ଖାପ ଖୁଆଇବା କଷ୍ଟ ହୁଏ । ସେମାନଙ୍କର ସହପାଠୀମାନଙ୍କ ସହ ସଂପର୍କ, ଆତ୍ମ ସମ୍ମାନ ଏବଂ ବ୍ୟବହାର ବାଧାପ୍ରାପ୍ତ ହୋଇଥାଏ ।

- ଗବେଷଣା ସୂଚନା ଅନୁସାରେ ଯେଉଁ ଶିଶୁ ମାନଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯାଇନଥାଏ ସେମାନଙ୍କ ସ୍କୁଲ୍ ଡ୍ରପ୍ ଆଉଟ୍ ସଂଖ୍ୟା ଅଧିକ । ଅପରପକ୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନେ ମୋଟା ମୋଟି ସଫଳତାର ସିଡ଼ି ଚଢ଼ିପାରନ୍ତି । ତେଣୁ ବିଦ୍ୟାର୍ଥୀମାନଙ୍କୁ ସେଇ ଏକା ଶ୍ରେଣୀରେ ବର୍ଷ ବର୍ଷ ଧରି ଉନ୍ନତି ହେବ ବୋଲି ଅଟକାଇଲେ ଶେଷରେ ସେମାନେ ସ୍କୁଲ୍ ଡ୍ରପ୍ ଆଉଟ୍‌ର କାରଣ ହୋଇଥାନ୍ତି ।
- ଏକଥା ବି ଲକ୍ଷ୍ୟ କରାଯାଇଛି ଯେ ଏହିଭଳି ବିଦ୍ୟାର୍ଥୀ ମାନଙ୍କୁ ଫେଲ୍ କରାଯାଉଥିବା ଯୋଗୁଁ ଭବିଷ୍ୟତରେ ସେମାନେ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଖରାପ ପ୍ରଦର୍ଶନ କରିଥା'ନ୍ତି ।
- ସେହିଭଳି ବିଦ୍ୟାର୍ଥୀଙ୍କୁ ଉତ୍ତୀର୍ଣ୍ଣ କରିବାଦ୍ୱାରା ସେମାନଙ୍କ ଜୀବନ ଉପରେ ବହୁତ ଭଲ ପ୍ରଭାବ ପଡ଼ିଥାଏ । ବିଭିନ୍ନ କୌଶଳ ଓ ଦକ୍ଷତାରୁ ବଂଚିତ ହୋଇଥିବା କ୍ଷେତ୍ରକୁ ସେମାନେ ଆହୁରି ବିକଶିତ କରିପାରନ୍ତି ଏବଂ ନିଜର ସଫଳତା ଓ ସାମାଜିକ ଦକ୍ଷତାକୁ ବେଶି ଶାଣିତ କରିଥାନ୍ତି ।



## ଅଧ୍ୟାୟ-୧୭

# ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଯୁକ୍ତ ଶିଶୁମାନଙ୍କର ସଠିକ୍ ପରିଚାଳନାରେ ମାତାପିତା/ ଅଭିଭାବକମାନଙ୍କ ଭୂମିକା

ଏହା ଏକ ନିରାଟ ସତ୍ୟ ଯେ ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ ଓ ଅସାଧାରଣ। କିଛି କ୍ଷେତ୍ରରେ ଅନେକ ବ୍ୟକ୍ତି ଖୁବ୍ ସହଜରେ କାମକରିପାରନ୍ତି, କିନ୍ତୁ ଅନ୍ୟକ୍ଷେତ୍ର ସେମାନଙ୍କୁ ବହୁତ କଷ୍ଟ ଲାଗେ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଶକ୍ତି/ଦକ୍ଷତା ଏବଂ ଦୁର୍ବଳତାକୁ ଚିହ୍ନିବା ଏବଂ ପସନ୍ଦ କରିବା ଦରକାର।

କୌଣସି କାମ କରିବାପାଇଁ ଫଳ ଅପେକ୍ଷା ଉଦ୍ୟମ ଓ ପ୍ରକ୍ରିୟା ବେଶି ଗୁରୁତ୍ୱପୂର୍ଣ୍ଣ। ଶିଶୁଟିର ଠିକ୍ ବା ଭୁଲ୍ ଉତ୍ତର ଅପେକ୍ଷା ତାର ଉଦ୍ୟମକୁ ସ୍ୱିକୃତି ଦେବା ଦରକାର। ଉଦାହରଣ ବଶତଃ ଜଣେ ଅଭିଭାବକ ତାଙ୍କର ଶିଶୁଟିକୁ କହିପାରିବେ, 'ମୁଁ ବହୁତ୍ ଖୁସି ଯେ, ଗଣିତ ପ୍ରଶ୍ନର ସମାଧାନ ପାଇଁ ତମେ କେତେ ପରିଶ୍ରମ କରୁଛ ! କିମ୍ବା 'ତମେ ଯେଉଳି ଧୈର୍ଯ୍ୟର ସହ ଗଣିତ ପ୍ରଶ୍ନ ଟିର ସମାଧାନ କରୁଛ, ମୁଁ ସେଥିପାଇଁ ଗର୍ବିତ ଅନୁଭବ କରୁଛି" ଏହି ଏକାଭଳି ଉପାୟ ଅନ୍ୟକାମ କ୍ଷେତ୍ରରେବି ପ୍ରୟୋଗ କରାଯାଇପାରିବ । ଉଦାହରଣବଶତଃ, "ଫୁଟ୍ ବଲ୍ ଖେଳିଲା ବେଳେ ତମେ ଯେଉଳି କଠିନ ପରିଶ୍ରମ କରୁଥିଲ ଗୋଲ ଦେବାପାଇଁ, ମୁଁ ବହୁତ୍ ଆନନ୍ଦିତ"।

ଘରେ ସ୍କୁଲ୍ ପାଠ ପଢିଲାବେଳେ ବା ହୋମ୍ ୱାର୍କ୍ କଲାବେଳେ ପିଲାମାନଙ୍କୁ ମଝିରେ ମଝିରେ ବିରତି ଦେବା ଉଚିତ୍ ଏବଂ ପୁଣିଥରେ ମନଦେଇ ପଢ଼ିବାପାଇଁ ପରିବେଶ ସୃଷ୍ଟି କରିବା ଉଚିତ୍।

କିଛି କିଛି ସହଜ କାମ ମଧ୍ୟରେ କୌଣସି ଏକ କଷ୍ଟ କାମବି କରିବାକୁ କୁହାଯାଇପାରେ। ଉଦାହରଣବଶତଃ ଯଦି ଶିଶୁଟିକୁ ପଢିବା ଅପେକ୍ଷା ଗଣିତ କରିବାପାଇଁ ଭଲ ଲାଗୁଛି, ତାହାଲେ ତା'କୁ କିଛି ଗଣିତ ପ୍ରଶ୍ନର ସମାଧାନ କରିବାପାଇଁ ଦେଇ ତା'ପରେ ପଢିବାକୁ ଉତ୍ସାହିତ କରାଯିବା ଉଚିତ୍। ପଢ଼ିସାରିଲାପରେ ଆଉଥରେ ତା'ର ପ୍ରିୟ ବିଷୟ କିଛି ଗଣିତ ପ୍ରଶ୍ନର ଉତ୍ତର ଲେଖିବାକୁ ଦେଇ ପଢା କାମ ସାରିଦେବା ଉଚିତ୍। ସହଜ ପାଠକୁ ସାରିବା

ପାଇଁ ସେ ଆଗକୁ ମାଡ଼ିଚାଲିବ ଏବଂ ପ୍ରିୟ ବିଷୟକୁ ଶେଷରେ କଲେ ପୂରା କାମଟି ଖୁସିରେ ଶେଷ ହେବ ।

ଶିକ୍ଷଣ ଅକ୍ଷମତା ଥିବା ଶିଶୁମାନେ ଦୈନନ୍ଦିନ ସ୍କୁଲ ହୋମ୍ ୱାର୍କ୍ କଲାବେଳେ ପିତାମାତାଙ୍କର ସାହାଯ୍ୟ ଦରକାର କରୁଛନ୍ତିକି ନାହିଁ ଜାଣି ସାରିଲାପରେ ସାହାଯ୍ୟ କରିବା ଉଚିତ୍ । ସଦାବେଳେ ନିଜଆଡୁ ସାହାଯ୍ୟ / ସହଯୋଗକୁ ବିଦ୍ୟାର୍ଥୀମାନଙ୍କ ଉପରେ ଲଦିଦେବା ଉଚିତ୍ ନୁହେଁ, କାରଣ ଶିଶୁଟି ନିଜେ ସମସ୍ୟାର ସମାଧାନ କରିବାପାଇଁ ଚାହୁଁଥାଇପାରେ ।

ଭୁଲ୍ କରିଦେଲେ ଶିଶୁଟିର ମନରେ କୌଣସି ଭୟ ବା ଭୁଲ୍ ଧାରଣା ଘନୀଭୂତ ହେବା ଅନୁଚିତ । ଏଇଟା ଯେ କୌଣସି ଅପରାଧ ନୁହେଁ ସେକଥା ଶିଶୁକୁ ବୁଝାଇବାକୁ ପଡିବ । ଉଦାହରଣବଶତଃ ମାତାପିତା ଚିଠି ଲେଖିଲାବେଳେ ଯଦି ବନାନ ଭୁଲ୍‌କରି ଲେଖିଦେଲେ, ସେ କହିବାକଥା, 'ଓଃହୋ ! 'ମୋର ଭୁଲ୍ ହୋଇଯାଇଛି । କିଛି ଚିନ୍ତା ନାହିଁ, ଏବେ ତାକୁ ଆଉଥରେ ଲେଖି ଠିକ୍ କରିଦେବା" ।

ପିଲାମାନଙ୍କୁ ନିଜର ନକରାତ୍ମକ ଆବେଗ ଓ ଅନୁଭୂତିକୁ ସୁନ୍ଦର ନିରାପଦ ଶୈଳୀରେ ଉପସ୍ଥାପନା କରିବା ଶିଖାଇବା ଉଚିତ୍ । ଶିକ୍ଷଣ ଅକ୍ଷମ ବିଦ୍ୟାର୍ଥୀମାନେ ସ୍କୁଲ୍ କାମକୁ ନେଇ ବିଷାଦଗ୍ରସ୍ତ ହୋଇଯା'ନ୍ତି । ପରିବାରର ଅନ୍ୟ ପିଲାମାନେ ସାଧାରଣ ଥିଲାବେଳେ ଏହିଭଳି ଅକ୍ଷମ ଶିଶୁମାନେ ନିଜର ଅକ୍ଷମତାକୁ ନେଇ କ୍ଷୋଭ ପ୍ରକାଶ କରନ୍ତି । ଏହା ଏକ ସ୍ୱାଭାବିକ କଥା ବୋଲି ପିଲାମାନଙ୍କୁ ବୁଝାଇବାକୁ ପଡ଼ିବ ଏବଂ ନିଜର ଭାବପ୍ରକାଶ କରିବାପାଇଁ ନିରାପଦ ବାଟ ଦେଖାଇବାକୁ ପଡ଼ିବ ।

ପ୍ରତେକ ଶିଶୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ବୋଲି ଭାବିବା ଉଚିତ୍ । ତେଣୁ କାହାକୁ ଅନ୍ୟସହ ତୁଳନା କରିବା ଠିକ୍ ନୁହେଁ । ଏମିତି କହିବା କଥା ନୁହେଁ "ତମ ବୟସରେ ସୁନିତା ବହୁତ ଭଲ ପଢିପାରୁଥିଲା" !

ଶିକ୍ଷଣ ଅକ୍ଷମତା ଥିବା କୌଣସି ଆଦର୍ଶ ବ୍ୟକ୍ତିତ୍ୱଙ୍କ ସହ ଏଭଳି ବିଦ୍ୟାର୍ଥୀଙ୍କର ପରିଚୟ ହେବା ଦରକାର । ତାଙ୍କ ସଂସ୍ପର୍ଶରେ ଆସି ଏମାନଙ୍କ ମନରେ ଅଫୁରନ୍ତ ବିଶ୍ୱାସ ଓ ସାହସର ସଂଚାର ହେବ । ସେମାନେ ବି ଜୀବନରେ ଆଗକୁ ସଫଳ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିପାରିବେ । ଏଭଳି ଆଦର୍ଶ ବ୍ୟକ୍ତିତ୍ୱ ଖୁବ୍ ବେଶି ବିଖ୍ୟାତ ହେବା ଦରକାର ନାହିଁ । ବିଦ୍ୟାର୍ଥୀ ମାନେ ନିଜକୁ ସମାଜରେ ଜାଣିଥିବା ବନ୍ଧୁ, ପଡୋଶୀ ବା ଧର୍ମଗୁରୁଙ୍କ ସହ ଆଳାପ ଆଲୋଚନା କରି ଉତ୍ସାହିତ ହେବେ ଯାହାଙ୍କର ଏପରି ଶିକ୍ଷଣ ଅକ୍ଷମତା ଅଛି । ସେମାନେବି ସଫଳତାର ଶୀର୍ଷକୁ ଛୁଇଁ ପାରିବାର ଯଥେଷ୍ଟ ପ୍ରେରଣା ପାଇଥାନ୍ତି । ଏହିସବୁ କାର୍ଯ୍ୟକୁ ସାକାର କରିବାପାଇଁ ଅଭିଭାବକ ମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ସର୍ବଦା ବାଞ୍ଛନୀୟ ।

# ଡିସ୍‌ଲେକ୍ସିଆ ସ୍କ୍ରିନିଂ ଟୁଲ୍
# ବୟସ୫ - ୭ବର୍ଷ / ଶ୍ରେଣୀ୧ ଏବଂ ୨

## ପୃଷ୍ଠଭୂମି ସୂଚନା

ଶିଶୁରନାମ: ଲିଙ୍ଗ: ପୁଅ/ଝିଅ

ଶ୍ରେଣୀ: ଜନ୍ମ ତାରିଖ:

ମାତୃଭାଷା: ନିର୍ଦ୍ଦେଶର ମାଧ୍ୟମ:

ଆଡ୍‌ମିଶନ୍ ତାରିଖ:

| ପିଲା ସହିତ ସମ୍ପର୍କ: | ଶ୍ରେଣୀ ଶିକ୍ଷକ | ଭାଷା ଶିକ୍ଷକ | ଅନ୍ୟମାନେ । ( ------------) |
|---|---|---|---|

**ସ୍କୋରିଂ ବିକଳ୍ପଗୁଡିକ :**

୨ =ସାଧାରଣତଃ ୧=ବେଳେବେଳେ ୦ କେବେ ନୁହେଁ

**ଦୟାକରି ଧ୍ୟାନ ଦିଅନ୍ତୁ:**

ସ୍କ୍ରିନିଂ ଟୁଲ୍‌ରେ ସମାନ ଶ୍ରେଣୀର ଅନ୍ୟ ପିଲାମାନଙ୍କ ପ୍ରତି ଦୟାକରି ଶିଶୁର ପ୍ରଦର୍ଶନକୁ ତୁଳନାତ୍ମକ ଭାବେ ଚିତ୍ରଣ କରନ୍ତୁ । ଶିଶୁର ମୂଲ୍ୟାୟନ କରିବା ସମୟରେ ଦୟାକରି ସମ୍ପୃକ୍ତ ଶିଶୁର ଘର ଏବଂ ସାମାଜିକ ପରିବେଶ (ମାତୃଭାଷା, ସାମାଜିକ-ଆର୍ଥିକ ପୃଷ୍ଠଭୂମି ଇତ୍ୟାଦି)ପ୍ରତି ଧ୍ୟାନ ଦିଅନ୍ତୁ ।

| କ୍ଷେତ୍ର | ସାଧାରଣତଃ | ବେଳେବେଳେ | କେବେ ନୁହେଁ |
|---|---|---|---|
| **ଧ୍ୱନି ସଚେତନତା** | | | |
| ୧ .ଧ୍ୱନି ପ୍ରତିସ୍ଥାପନ ଖେଳଗୁଡିକରେ ଅସୁବିଧା<br>ଉଦାହରଣ ସ୍ୱରୂପ: BED ଶବ୍ଦପାଇବା ପାଇଁ RED ରେ ଧ୍ୱନି / r / କୁ / b /ଦ୍ୱାରା ବଦଳାନ୍ତୁ | | | |
| **୨ ଛନ୍ଦ ଓ ତାଳ ଧ୍ୱନି କୁ ବୁଝିବାରେ ଅସୁବିଧା**<br>ଉଦାହରଣ ସ୍ୱରୂପ: ନିମ୍ନଲିଖିତ ଦୁଇଟି ଶବ୍ଦ ମଧ୍ୟରୁ କେଉଁଟି କାହା ସାଂଗରେ ଗତ ପଡୁଛି ବାର୍, କାର, ବସ୍ | | | |
| **ପଢିବା ଏବଂ ଲେଖିବା** | | | |
| **୩.ବର୍ଣ୍ଣମାଳାର ଅକ୍ଷର ଚିହ୍ନିବାରେ ଅସୁବିଧା**<br>ଉଦାହରଣ ସ୍ୱରୂପ: ଯଦି 'J' ଅକ୍ଷର ଦର୍ଶାଇବାକୁ କୁହାଯାଏ, ପିଲା ତାହା କରିପାରେନି । | | | |
| **୪. ସାଧାରଣ ମୁଦ୍ରିତ ଶବ୍ଦଗୁଡ଼ିକୁ ଚିହ୍ନିବାରେ ଅସୁବିଧା**<br>ଉଦାହରଣ ସ୍ୱରୂପ: THE, TO, FOR, WAS, CAT, SUN, SHOP, HELP, BIRD, SING, FLAG, ଇତ୍ୟାଦି | | | |
| **୫.ସାଧାରଣ ଶବ୍ଦର ବନାନରେ ଅସୁବିଧା**<br>ଉଦାହରଣ ସ୍ୱରୂପ: THE, WAS, HAT, SUN, DAY, BAG, CUT, SHOP, WITH, TREE, ଇତ୍ୟାଦି | | | |

| | | | |
|---|---|---|---|
| **ସଂଖ୍ୟାଧାରଣା** | | | |
| **୬. ସଂଖ୍ୟା ସଙ୍କେତ ଚିହ୍ନିବାରେ ଅସୁବିଧା**<br>ଉଦାହରଣ ସ୍ୱରୂପ: ଯଦି **'5'** କିମ୍ବା **'8'** ସଂଖ୍ୟା ଦର୍ଶାଇବାକୁ କୁହାଯାଏ, ପିଲା ତାହା କରିବାକୁ ଅସମର୍ଥ ହୁଏ । | | | |
| ୭. କେଉଁ ସଂଖ୍ୟାଟି<br>କେଉଁ ସଂଖ୍ୟା ଠୁଁ ବଡ଼ ସାନ ବୁଝିବାରେ ଅସୁବିଧା । ସେହିପରି କେଉଁ ସଂଖ୍ୟା ଆଗକୁ ଆସେ ବା ପଛେ ଆସେ ବୁଝିବାରେ ଅସୁବିଧା<br>ଉଦାହରଣ ସ୍ୱରୂପ: **7** ରୁ **4** ବଡକି ? **8** ପରେ କଣ ଆସେ ? ପିଲା **20** ପର୍ଯ୍ୟନ୍ତ ଏପରି କ୍ରମ କରିବାକୁ ସକ୍ଷମ ହେବା ଉଚିତ୍ । | | | |
| **ଯୋଗାଯୋଗ** | | | |
| **୮.ନିର୍ଦ୍ଦେଶଗୁଡ଼ିକ ବୁଝିବାରେ ଅସୁବିଧା**<br>ଦୁଇ କିମ୍ବା ତିନୋଟି ସୋପାନ ସହିତ ଜଡିତ ନିର୍ଦ୍ଦେଶଗୁଡ଼ିକୁ ବୁଝିବାରେ ଅସୁବିଧା<br>ଉଦାହରଣ ସ୍ୱରୂପ: "ଅଧ୍ୟାୟ ନମ୍ବର 4 ଖୋଲ ଏବଂ ପୃଷ୍ଠା ନମ୍ବର 34କୁ ଯାଅ । | | | |
| **୯.ସଠିକ୍ ଶବ୍ଦ ବାଛିବାରେ ଅସୁବିଧା । ପିଲାଟି କଥା କହିବାବେଳେ ଥଙ୍ଗ ଥଙ୍ଗ ହୁଏ**<br>ଉଦାହରଣ:ପିଲାଟି ହୁଏତ 'ବୋତଲ'ଶବ୍ଦ ମନେ ପକାଇବାରେ ଅସମର୍ଥ ହୋଇପାରେ ଏବଂ ଏହା ବଦଳରେ କହିପାରେ, "ମୁଁ... ସେଇ ସେଇ... ବାକ୍ସରେ ପାଣି ଭରିଲି". | | | |
| **୧୦.ଲମ୍ବା ଶବ୍ଦର ପୁନରାବୃତ୍ତିରେ ଅସୁବିଧା** | | | |

| | | | |
|---|---|---|---|
| **ପେଶୀ ସଂଚାଳନ ସମନ୍ୱୟ** | | | |
| ୧୧.ସରଳ ଆକୃତିଗୁଡିକ (ବୃତ୍ତ, ବର୍ଗ, ତ୍ରିଭୁଜ, ଚତୁର୍ଭୁଜ) ନକଲ କରିବାରେ ଅସୁବିଧା | | | |
| ୧୨. ପଢୁଥିବା ଭାଷାରେ ସରଳ ଶବ୍ଦ ଲେଖିବାରେ ଅସୁବିଧା (ଯଥା, ଅକ୍ଷର ଏବଂ ଶବ୍ଦଗୁଡ଼ିକ ବଙ୍କା କିମ୍ୱା ଖରାପ ହୁଏ) ସାଧାରଣ ଶବ୍ଦର ଅକ୍ଷର ଗଠନ କରିବାରେ ପିଲାଟି ଅସୁବିଧାର ସାମ୍ନା ହୋଇପାରେ ଯଥା: ON, HAT, FUN, BALL, KEY, STOP, ଇତ୍ୟାଦି | | | |
| **ବ୍ୟବହାର** | | | |
| ୧୩.କାର୍ଯ୍ୟରେ ଧ୍ୟାନ ଏବଂ ଏକାଗ୍ରତା ର ଅଭାବ ଦେଖାଏ । କାର୍ଯ୍ୟ ଗୁଡିକ ଅସଂପୂର୍ଣ୍ଣ ଭାବେ ଛାଡ଼ିଥାଏ । ପିଲା ସହଜରେ ବିରକ୍ତ ହୁଏ ଏବଂ କାର୍ଯ୍ୟଗୁଡ଼ିକୁ ଅସମ୍ପୂର୍ଣ୍ଣ ଛାଡିଦିଏ । ଶିକ୍ଷକ / ପିତାମାତା ପିଲାଙ୍କୁ ଧ୍ୟାନ ଦେବାକୁ ଏବଂ / କିମ୍ୱା କାର୍ଯ୍ୟ ଶେଷ କରିବାକୁ ନିରନ୍ତର ପଚାରିବାକୁ ପଡିବ | | | |
| ୧୪. ଅସ୍ଥିର ଏବଂ / କିମ୍ୱା ଅତ୍ୟଧିକ-କ୍ରିୟାଶୀଳ: ଗୋଟିଏ ସ୍ଥାନରେ ଓ ମୁଦ୍ରାରେ ଅସୁବିଧା ହୁଏ । ଶ୍ରେଣୀରେ ବୁଲାବୁଲି କରିବା ଅନ୍ୟ ପିଲାମାନଙ୍କ ଶାନ୍ତିଭଂଗ କରିପାରେ । | | | |
| ୧୫.ଚିନ୍ତିତ, ପ୍ରତ୍ୟାହାର, ବ୍ୟାଘାତକାରୀ ହେବାକୁ ଲାଗେ | | | |

**ନାମ** **ଦସ୍ତଖତ**

# ଡିସ୍‌ଲେକ୍ସିଆ ସ୍କ୍ରିନିଂ ଟୁଲ୍
## ବୟସ୫–୧୦ବର୍ଷ / ଶ୍ରେଣୀ୩ ,୪ଏବଂ୫

National Brain Research Centre NBRC

## ପୃଷ୍ଠଭୂମି ସୂଚନା

ଶିଶୁରନାମ: ଲିଙ୍ଗ: ପୁଅ/ଝିଅ

ଶ୍ରେଣୀ: ଜନ୍ମ ତାରିଖ:

ମାତୃଭାଷା: ନିର୍ଦ୍ଦେଶର ମାଧ୍ୟମ:

ଆଡ୍‌ମିଶନ୍ ତାରିଖ:

ପିଲା ସହିତ ସମ୍ପର୍କ: ଶ୍ରେଣୀ ଶିକ୍ଷକ | ଭାଷା ଶିକ୍ଷକ | ଅନ୍ୟମାନେ । ( ------------)

**ସ୍କୋରିଂ ବିକଳ୍ପଗୁଡିକ :**

୨ =ସାଧାରଣତଃ ୧=ବେଳେବେଳେ ୦ କେବେ ନୁହେଁ

**ଦୟାକରି ଧ୍ୟାନ ଦିଅନ୍ତୁ:**

ସ୍କ୍ରିନିଂ ଟୁଲ୍‌ରେ ସମାନ ଶ୍ରେଣୀର ଅନ୍ୟ ପିଲାମାନଙ୍କ ପ୍ରତି ଦୟାକରି ଶିଶୁର ପ୍ରଦର୍ଶନକୁ ତୁଳନାତ୍ମକ ଭାବେ ଚିତ୍ରଣ କରନ୍ତୁ । ଶିଶୁର ମୂଲ୍ୟାୟନ କରିବା ସମୟରେ ଦୟାକରି ସମ୍ପୃକ୍ତ ଶିଶୁର ଘର ଏବଂ ସାମାଜିକ ପରିବେଶ (ମାତୃଭାଷା, ସାମାଜିକ-ଆର୍ଥିକ ପୃଷ୍ଠଭୂମି ଇତ୍ୟାଦି)ପ୍ରତି ଧ୍ୟାନ ଦିଅନ୍ତୁ ।

| କ୍ଷେତ୍ର | ସାଧାରଣତଃ | ବେଳେବେଳେ | କେବେ ନୁହେଁ |
|---|---|---|---|
| ପଠନ | | | |
| **୧.ଧୀରେ ଧୀରେ ପଢିବାରେ, କିମ୍ବା ଶବ୍ଦ ଅନୁମାନ କରେ, କିମ୍ବା ଉଚ୍ଚ ସ୍ୱରରେ ପଢିବାରେ ଅସହଜ ଅନୁଭବ କରେ** | | | |
| **୨. ରେଖା ଛାଡିଦିଏ, ପଢିବା ସମୟରେ ଅକ୍ଷର ଛାଡିଦିଏ**<br>ଉଦାହରଣ: ପିଲାଟି "ଶୁଣିବା" କୁ "ଯିବା" ବୋଲି ଉଚ୍ଚାରଣ କରିପାରେ, କିମ୍ବା ପଢିବା ସମୟରେ ବାକ୍ୟରୁ କିଛି ଛାଡିପାରେ । | | | |
| **୩.ଶବ୍ଦରେ ଧ୍ୱନି ଚିହ୍ନିବାରେ ଅସୁବିଧା**<br>ଉଦାହରଣ ସ୍ୱରୂପ, ପିଲାଟି କହିବାକୁ ଅସମର୍ଥ ଯେ CATCH ଶବ୍ଦ ର ପ୍ରଥମ ଧ୍ୱନି K | | | |
| **୪. ବାକ୍ୟ ଏବଂ ପାରା ବୁଝିବାରେ ଅସୁବିଧା**<br>ବହିରେ ଏବଂ ବ୍ଲାକବୋର୍ଡରେ ଥିବା ପାଠ ଅନ୍ତର୍ଭୁକ୍ତ କରି ଶ୍ରେଣୀରେ ଯାହା ଶିଖାଯାଇଛି ତାହା ସହିତ ଜଡିତ ଲିଖିତ ବିଷୟ ବସ୍ତୁର ଅର୍ଥ ବୁଝିବାରେ ସମସ୍ୟା । କାହାଣୀ ପୁସ୍ତକ ଏବଂ ପାଠ୍ୟ ପୁସ୍ତକରେ 6/8 ଧାଡି ଥିବା ସରଳ ପ୍ୟାସେଜ୍ ଗୁଡିକ ବୁଝିବାରେ ଅସୁବିଧା । | | | |
| ଲେଖା | | | |
| **୫. ଉପଯୁକ୍ତ ଅକ୍ଷର ଏବଂ ଶବ୍ଦ ଗଠନ କରିବାରେ ଅସୁବିଧା ।**<br>ପିଲା ଅକ୍ଷର ଏବଂ / କିମ୍ବା ସଂଖ୍ୟା ଲେଖେ ଯାହା ପ୍ରକାର ଏବଂ ଆକାରରେ ଅସଙ୍ଗତ କିମ୍ବା ଅସାଧାରଣ ଲାଗେ । | | | |
| ୬.କଳାପଟା ଏବଂ / କିମ୍ବା ପୁସ୍ତକରୁ ପିଲାଟି ନକଲ କରିବାରେବି ଅସମର୍ଥ । ବ୍ଲାକବୋର୍ଡ ଏବଂ / କିମ୍ବା ପାଠ୍ୟପୁସ୍ତକରୁ କପି କରିବାରେ ଅନେକ ତ୍ରୁଟି କରିଥାଏ । ରେଖା ଏବଂ ମାର୍ଜିନ୍ ସଠିକ୍ ଭାବରେ ବ୍ୟବହାର କରିବାରେ ଅସମର୍ଥ ହୋଇଥାଏ । | | | |
| ୭.କୌଣସି କଥା ଲେଖିବାକୁ ଡାକିଲେ ବହୁତ୍ ଭୁଲ୍ କରିଥାଏ ଏବଂ ସାଧାରଣ ଶବ୍ଦରେ ବାରମ୍ବାର ବନାନ ତ୍ରୁଟି କରିଥାଏ । | | | |

| | | | |
|---|---|---|---|
| **୮. ଲିଖିତ ଅଭିବ୍ୟକ୍ତିରେ ଅସୁବିଧା :**<br>ଏକ ପ୍ରଦତ୍ତ ବିଷୟ ଉପରେ ଧାରଣା ପ୍ରକାଶ କରିବାରେ ଅସୁବିଧା ଥାଏ ଯାହା ବୟସ ଉପଯୁକ୍ତ ନୁହେଁ । | | | |
| **ଗଣିତ** | | | |
| ୯. ମୌଳିକ ଗାଣିତିକ ଧାରଣା, ଯେପରିକି + -, ×, / = ଇତ୍ୟାଦି ପ୍ରତୀକଗୁଡ଼ିକର ଭୁଲ୍ ବୁଝାମଣା । ଏହି ମୌଳିକ ଚିହ୍ନଗୁଡିକ ବ୍ୟବହାର କରିବାବେଳେ ପିଲା ଦ୍ୱନ୍ଦ୍ୱରେ ପଡ଼େ ଏବଂ / କିମ୍ବା ଏହି ଗାଣିତିକ ଧାରଣା ମାନଙ୍କ ମଧ୍ୟରେ ସମ୍ପର୍କ ବୁଝିବାକୁ ସକ୍ଷମ ହୋଇପାରେନି । | | | |
| ୧୦.କାନ୍ଥ ଘଡି କୁ ସମୟ ଦେଖି ଠିକ୍ କହିପାରେନି ଯାହା ଡିଜିଟାଲ୍ ନୁହେଁ | | | |
| **୧୧.ମାନସିକ ଗଣନାରେ ଧୀର**<br>ଉଦାହରଣ ସ୍ୱରୂପ: ତଥାପି ଆଙ୍ଗୁଠି ଉପରେ ଗଣନା ଜାରି ରଖେ ଓ ସରଳ ମାନସିକ ଗଣନା କରିବାକୁ ଯଥେଷ୍ଟ ସମୟ ଲାଗେ | | | |
| **ଯୋଗାଯୋଗ** | | | |
| **୧୨.ଶ୍ରେଣୀରେ ଶୁଣିବାରେ ଅସୁବିଧା**<br>ଉଦାହରଣ: ପିଲା ହୁଏତ ଶିକ୍ଷକଙ୍କୁ ନିର୍ଦ୍ଦେଶର ପୁନରାବୃତ୍ତି କରିବାକୁ କହିପାରେ, "ମୁଁ ବୁଝିପାରିଲି ନାହିଁ ଦୟାକରି ଆପଣ ଏହାକୁ ପୁନର୍ବାର କହିପାରିବେ କି ?" | | | |
| **୧୩.ସହପାଠୀମାନଙ୍କ ତୁଳନାରେ ଅପରିପକ୍ୱ ବକ୍ତବ୍ୟ**<br>ଉଦାହରଣ: "ଟ୍ରାକ୍ଟର"କୁ "ଟାକ୍ଟର"ବୋଲି କହିବା | | | |
| ୧୪.ସଂପୂର୍ଣ୍ଣ ବାକ୍ୟ ଗଠନ କରି କହିବାରେ ଅସୁବିଧା । ସଂପୂର୍ଣ୍ଣ ବାକ୍ୟରେ କହିବା କିମ୍ବା କମ୍ପାଉଣ୍ଡ୍ ଏବଂ / କିମ୍ବା ଜଟିଳ ବାକ୍ୟ ଉତ୍ପାଦନ ତିଆରିକରି କହିବାରେ ଅସମର୍ଥ ।<br><br>**ଉଦାହରଣ: "ମୁଁ ଭଲ ନ ଥିବାରୁ ହୋମୱାର୍କ କରିପାରିଲି ନାହିଁ ।"(ଜଟିଳବାକ୍ୟ); ମୁଁ ଇଂରାଜୀ ଅଧ୍ୟାୟ ପଢିଥିଲି, କିନ୍ତୁ ଗଣିତ ସମସ୍ୟା ସମାଧାନ କରି ନାହିଁ ।(ସମାସ)** | | | |
| **ମନେରଖିବା** | | | |
| **୧୫.ବିଦ୍ୟାଳୟର ବିଷୟ ବସ୍ତୁକୁ ମନେରଖିବାରେ ଅସୁବିଧା ଯେପରିକି ଗୁଣନ ସାରଣୀ, କବିତା ଇତ୍ୟାଦି** | | | |

| | | | |
|---|---|---|---|
| **ପେଶୀ ସଂଚାଳନ ସମନ୍ୱୟ** | | | |
| **୧୬.ସରଳ ଆକୃତିର ନକଲ କିମ୍ବା ଚିତ୍ର ଆଙ୍କିବାରେ ଅସୁବିଧା**<br>ଉଦାହରଣ: ବୃତ୍ତ, ବର୍ଗ, ତ୍ରିଭୁଜ ,<br>ବିଷମକୋଣୀ ଚତୁର୍ଭୁଜ, ପଞ୍ଚଭୂଜ ଓ ଷଡ଼ଭୂଜ ଇତ୍ୟାଦି | | | |
| ୧୭.ପେନ୍‌ସିଲ୍‌କୁ ଅବାଗିଆ ଭାବେ ଧରିବା | | | |
| **ବ୍ୟବହାର** | | | |
| **୧୮.କାର୍ଯ୍ୟରେ ଧ୍ୟାନ ଏବଂ ଏକାଗ୍ରତାର ଅଭାବ ଦେଖାଏ । କାମ ଗୁଡିକ ଅସମାପ୍ତ ଭାବେ ଛାଡିଦିଏ**<br>ପିଲା ଶ୍ରେଣୀରେ ସହଜରେ ବିରକ୍ତ ହୁଏ ଏବଂ କାର୍ଯ୍ୟଗୁଡ଼ିକୁ ଅସମ୍ପୂର୍ଣ୍ଣ ଛାଡିଦିଏ । ଶିକ୍ଷକ / ପିତାମାତା ପିଲାଙ୍କୁ ଧ୍ୟାନ ଦେବାକୁ / କିମ୍ବା କାର୍ଯ୍ୟ ଶେଷ କରିବାକୁ ନିରନ୍ତର ପଚାରିବାକୁ ପଡିବ । | | | |
| ୧୯.ଅସ୍ଥିର କିମ୍ବା ଅତ୍ୟଧିକ କ୍ରିୟାଶୀଳ ପିଲାଟି ଗୋଟିଏ ସ୍ଥାନରେ ବସିବାରେ ଅସୁବିଧା ଅନୁଭବ କରେ ଏବଂ ଶ୍ରେଣୀର ଅନ୍ୟ ପିଲାମାନଙ୍କର ଶାନ୍ତି ଭଙ୍ଗକରେ । | | | |
| **୨୦.ଉନ୍ନତି ପାଇଁ କଠିନ ପରିଶ୍ରମ କରିବା ଦେଖାଯାଏ କିନ୍ତୁ ହାସଲ କରିବାରେ ଅସମର୍ଥ ହୁଏ** | | | |
| **୨୧.ଚିନ୍ତିତ / ପ୍ରତ୍ୟାହାର / ବ୍ୟାଘାତକାରୀ ହେଲାଭଳି ବ୍ୟବହାର କରେ** | | | |

**ନାମ** **ଦସ୍ତଖତ**

Australian Government

...Caring toward empowering*

K-7/161, Kalinga Nagar, Po- Ghatikia
Bhubaneswar - 751029, Odisha, INDIA
Email: shisirdas.iiec@gmail.com, www.iiec-odisha.org